ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୫ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 15 NOVEMBER 2022

Vol.No. 33 ■ No. 296 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଦିଲ୍ଲୀରେ ଛାତିଥରା ହତ୍ୟାକାଣ୍ଡ

ପ୍ରେମିକାର ଗଳା ଚିପି ହତ୍ୟା କରିବା ପରେ ୩୫ ଖଣ୍ଡ କରି କାଟି ଦେଲା ପ୍ରେମିକ

ନୂଆଦିଲ୍ଲୀ, ୧୪/୧୧ : ରାଜଧାନୀ ଦିଲ୍ଲୀରେ ଏମିତି ଏକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପୁଲିସ, ଯାହାକୁ ଶୁଣିଲେ ଆପଣଙ୍କ ଛାତି ଥରିଯିବ । ଡେଟିଂ ଆପରୁ ପ୍ରେମ, ଏହା ପରେ ଲିଭ୍ ଇନ୍ରେ ରହିଲେ ପ୍ରେମୀଯୁଗଳ । ଶେଷରେ ପ୍ରେମିକାକୁ ତଂଟି ଚିପି ହତ୍ୟା କଲା ପ୍ରେମିକ । କେବେଳ ସେତିକି ନୁହେଁ ମୃତଦେହକୁ ୩୫ ଖଣ୍ଡ କରି ପାପ ଲୁଚାଇବାକୁ ଉଦ୍ୟମ କରିଥିଲା ପିଶାଳ ପ୍ରେମିକ । କିନ୍ତୁ ପାପ ଲୁଚିନଥିଲା, ପାଖାପାଖି ୬ ମାସ ପରେ ସତ ସାମନାକୁ ଆସିବା ପରେ ଜହ୍ଲାଦ ପ୍ରେମିକକୁ ଗିରଫ କରିଛି ପୁଲିସ । ପ୍ରେମ, ଧୋକା, ହତ୍ୟାକାଣ୍ଡର ଏହା ଏପରି ଏକ କାହାଣୀ, ଯାହାକୁ ଶୁଣିଲେ ଲୋମ ଟାଙ୍କୁରି ଉଠିବ । ଜଣେ ମଣିଷ ଯେ ଏପରି ସଇତାନ ପାଲଟି ଯାଇପାରେ, ତାହା ବିଶ୍ୱାସ କରିହେବନି । ଶ୍ରଦ୍ଧା ୱାଲକର । ବୟସ – ୨୬ ବର୍ଷ । ମୁମ୍ବାଇର ମଲାଡ୍‌ରେ ରହୁଥିବା ଶ୍ରଦ୍ଧା ୱାଲକର କଲ୍ ସେଂଟରରେ କାମ କରୁଥିଲେ । ଡେଟିଂ ଆପ୍ରେ ଅଫତାବ ପୁନାୱାଲଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା । ବନ୍ଧୁତାରୁ ପ୍ରେମ, ପରେ ସାତ ଜନ୍ମର ସାଥୀ ହେବେ ବୋଲି ନିଷ୍ପତି ନେଇଥିଲେ ପ୍ରେମୀ ଯୁଗଳ । ଘର ଲୋକ ରାଜି ନହେବାରୁ ଦିଲ୍ଲୀ ଆସି ଏକାଠି ରହୁଥିଲେ ଶ୍ରଦ୍ଧା ଓ ଅଫ୍‌ତାବ । ପ୍ରଥମେ ପ୍ରଥମେ ସବୁ କିଛି ଠିକ୍ ଚାଲିଥିଲା । କିନ୍ତୁ ବିବାହ ପାଇଁ ଶ୍ରଦ୍ଧା ବାରମ୍ବାର ଚାପ ପକାଇବାରୁ ଅତିଷ୍ଠ ହୋଇ ଉଠିଥିଲା ଅଫତାବ । ମେ' ୧୮ ତାରିଖ । ସେଦିନ ଶ୍ରଦ୍ଧା ମୁହଁରୁ ବିବାହ କଥା ଶୁଣି ଉତକ୍ଷିପ୍ତ ହୋଇ ଉଠିଥିଲା ଅଫତାବ । ଯେଉଁ ପ୍ରେମିକ ପାଇଁ ଘରଦ୍ୱାର ବାପା-ମାଆକୁ ଛାଡି ଚାଲି ଆସିଥିଲେ ଶ୍ରଦ୍ଧା, ସେ ହୁଏତ ଜାଣିନଥିଲେ ଯେ ଅଫତାବ ଜଣେ ମଣିଷ ନଥିଲା, ଥିଲା ଜଣେ ସଇତାନ । ▶▶ପୃଷ୍ଠା ୭

ଚିଟଫଣ୍ଡ ଠକେଇ ମାମଲାରେ ଗୌରବ ଅଗ୍ରୱାଲଙ୍କୁ ଆମିକସ୍ କ୍ୟୁରୀ ନିଯୁକ୍ତ କଲେ ସୁପ୍ରିମକୋର୍ଟ

ଭୁବନେଶ୍ୱର, ୧୪/୧୧ : ଚିଟଫଣ୍ଡ ଠକେଇ ମାମଲାରେ ବରିଷ୍ଠ ଆଇନଜୀବୀ ଗୌରବ ଅଗ୍ରୱାଲଙ୍କୁ ଆମିକସ୍ କ୍ୟୁରୀ ନିଯୁକ୍ତ କରିଛନ୍ତି ସୁପ୍ରିମକୋର୍ଟ। ଅନ୍ୟପକ୍ଷରେ ଆଫିଡେଭିଟ ଦାଖଲ ପାଇଁ ସିବିଆଇ ସମୟ ମାଗିଥିବାରୁ ନଭେମ୍ବର ୨୫ ସୁଦ୍ଧା କାଉଂଟର ଆଫିଡେଭିଟ ଦାଖଲ ପାଇଁ ସମୟ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ସୂଚନାଯୋଗ୍ୟ ଯେ ନିବେଶକଙ୍କ ଟଙ୍କା ଫେରସ୍ତ ପାଇଁ ପଦକ୍ଷେପ ଜାଣିବାକୁ ଚାହିଁଥିଲେ କୋର୍ଟ । ଏନେଇ ରାଜ୍ୟ ସରକାର ଓ ସିବିଆଇକୁ ନୋଟିସ କରିଥିଲେ ସୁପ୍ରିମକୋର୍ଟ। ଜଷ୍ଟିସ ଏମ.ଆର.ଶାହ ଏବଂ ଜଷ୍ଟିସ କ୍ରିଷ୍ଣା ମୁରାରୀଙ୍କ ସାମ୍ବିଧାନିକ ଖଣ୍ଡପୀଠର ମାମଲାର ଶୁଣାଣି କରିଛନ୍ତି । ଆସନ୍ତା ଡିସେମ୍ବର ୧ରେ ମାମଲାର ପରବର୍ତୀ ଶୁଣାଣି ହେବ।

ପଦ୍ମପୁର ଉପନିର୍ବାଚନ : ବର୍ଷା ସିଂ ବରିହା ହେଲେ ବିଜେଡି ପ୍ରାର୍ଥୀ

ଭୁବନେଶ୍ୱର, ୧୪ /୧୧ : (ନି.ପ୍ର) ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ବିଜୁ ଜନତା ଦଳ। ଦିବଙ୍ଗତ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ଝିଅ ବର୍ଷାଙ୍କୁ ଦଳୀୟ ପ୍ରାର୍ଥୀ କରିଛି ବିଜେଡି। ଏ ନେଇ ଦଳର ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ବର୍ଷା ହେଉଛନ୍ତି ସ୍ମୃତି ସୌରଭ ବଳିୟାରସିଂଙ୍କ ପତ୍ନୀ ତଥା ଉପକୂଳ ଓଡ଼ିଶାର ବିଜେପି ନେତା ତଥା ପୂର୍ବତନ ବିଧାୟକ ରମା ରଞ୍ଜନ ବଳିୟାରସିଂଙ୍କ ପୁତ୍ରବଧୂ। ସେ ଇତିହାସରେ ସ୍ନାତକୋତର କରିବା ପରେ ବେଙ୍ଗାଲୁରୁରେ ଆଇନରେ ସ୍ନାତକ କରିଛନ୍ତି । ପଦ୍ମପୁର ଉପ-ନିର୍ବାଚନ ପାଇଁ ଟିକେଟ ମିଳିବା ପରେ ତାଙ୍କ ଉପରେ ବିଶ୍ୱାସ ଓ ଭରସା ରଖି ତାଙ୍କୁ ପ୍ରାର୍ଥୀ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ବର୍ଷା ସିଂ ବରିହା ଧନ୍ୟବାଦ ଜଣାଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ପରିବାରରୁ ଯିଏ ବି ଟିକେଟ ପାଇଥିଲେ ମୁଁ ଖୁସି ହୋଇଥାନ୍ତି। ବାପାଙ୍କ କାମ ଦେଖି ମୋତେ ଟିକେଟ ମିଳିଛି। ସେ ୧୬ ତାରିଖ ଦିନ ପ୍ରାର୍ଥୀପତ୍ର ଦାଖଲ କରିପାରନ୍ତି।

ଜାମ୍ମୁ-କାଶ୍ମୀରର ବହୁ ଅଂଚଳରେ ବର୍ଷା, ପାହାଡ଼ି ଇଲାକାରେ ତୁଷାରପାତ

ଜମ୍ମୁ, ୧୪ ନଭେମ୍ବର (ହି.ସ.) - ଜାମ୍ମୁ କାଶ୍ମୀରର ଅଧିକାଂଶ ଅଂଚଳରେ ରବିବାର ବିଳମ୍ବିତ ରାତିରୁ ବର୍ଷା ଆରମ୍ଭ ହୋଇଥିଲା ଯାହା ସୋମବାର ମଧ୍ୟ ଜାରି ରହିଛି । ଅନ୍ୟପକ୍ଷରେ ଜାମ୍ମୁ କାଶ୍ମୀରର ପାହାଡ଼ିଆ ଅଂଚଳରେ ତୁଷାରପାତ ମଧ୍ୟ ଘଟିଛି । ସୋମବାର ମଧ୍ୟ ଆକାଶରେ ଘନ ମେଘ ସହିତ ବର୍ଷା ପ୍ରକ୍ରିୟା ଜାରି ରହିଛି । ଏ ପର୍ଯ୍ୟନ୍ତ ସୂର୍ଯ୍ୟକିରଣର କୌଣସି ଆଶା ନାହିଁ । ଯଦି ଏପରି ଅବସ୍ଥା ଜାରି ରହେ ତେବେ ଜାମ୍ମୁ କାଶ୍ମୀର ଜାତୀୟ ରାଜପଥରେ ଯାତାୟତ ବାଧାପ୍ରାପ୍ତ ହେବ ।

ଏଏସଓ ପରୀକ୍ଷା ମାମଲାରେ ଶୁଣାଣି ଶେଷ : ରାୟ ସଂରକ୍ଷିତ

ଓପିଏସସି ଉପରେ ଅସନ୍ତୋଷ ପ୍ରକାଶ କଲେ ହାଇକୋର୍ଟ

ଭୁବନେଶ୍ୱର, ୧୪/୧୧ (ନି.ପ୍ର): ଏଏସ୍ଓ ପରୀକ୍ଷା ବିବାଦରେ ହାଇକୋର୍ଟଙ୍କ ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ରହିଛି । ନୂଆ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରିବାକୁ ହାଇକୋର୍ଟ କହିଛନ୍ତି । ଏଏସଓ ପରୀକ୍ଷାରେ ଅନିୟମିତତା ହୋଇଥିବା ନେଇ ପରୀକ୍ଷାର୍ଥୀଙ୍କ ଅଭିଯୋଗ ପରେ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ । ରାୟ ସଂରକ୍ଷିତ ରହିଥିବା ବେଳେ ଶୁଣାଣି ବେଳେ ଓପିଏସସି ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । କାହିଁକି ମେରିଟ୍ ଲିଷ୍ଟ ଓ କଟ୍ ଅଫ୍ ମାର୍କ ପ୍ରକାଶ କରାଯିବନି, ପ୍ରଶ୍ନ କରିଛନ୍ତି ହାଇକୋର୍ଟ । ୨୦୧୬ ପଲିସି ଅନୁସାରେ ନୂଆ ମେରିଟ ଲିଷ୍ଟ ପ୍ରସ୍ତୁତ କରିବାକୁ ଓପିଏସସିକୁ କହିଛନ୍ତି ହାଇକୋର୍ଟ । ପରୀକ୍ଷାର୍ଥୀଙ୍କ ପକ୍ଷରୁ ମାମଲା ଲଢୁଥିବା ଅକ୍ଷୟ କୁମାର ପାଣ୍ଡେ କହିଛନ୍ତି, କଟ୍ ଅଫ୍ ମାର୍କ ସହ ବ୍ୟକ୍ତିଗତ ମାର୍କ ପ୍ରକାଶ ପାଇଲେ ଦ୍ୱନ୍ଦ୍ୱ ଦୂର ହେବ । ଭଲ ମାର୍କ ରଖିଥିବା ଯଦି କେହି ପରୀକ୍ଷାର୍ଥୀ ତାଲିକାରୁ ବାଦ ପଡ଼ିଥିବେ, ସେମାନେ ଆଇନର ଆଶ୍ରୟ ନେଇପାରିବେ । ଗତ ଅଗଷ୍ଟ ୨୭ତାରିଖରେ ୭୯୬ ପୋଷ୍ଟ ପାଇଁ ପରୀକ୍ଷା ହୋଇଥିଲା । ଲିଖିତ ପରୀକ୍ଷାରେ ୧୧ଶହ ୪ଜଣ ପରିକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିଲେ । ▶▶ପୃଷ୍ଠା ୭

ଅର୍ଚ୍ଚନା ମାମଲାରେ ଇଡିର ତଦନ୍ତ : ଫୋକସରେ ୨କୋଟି ଟଙ୍କାର ବ୍ୟାଙ୍କଜମା

କନକ ବ୍ୟୁରୋ : ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ ମାମଲାରେ ଇଡି ତାର ତଦନ୍ତକୁ ଜୋରଦାର କରିଛି। ତେବେ ଫୋକସରେ ରହିଛି କୁଆଡୁ ଆସିଲା ନଗଦ ୨ କୋଟି ଟଙ୍କା ? ବ୍ୟାଙ୍କକୁ ଯାଇ ଇଡି ଖୋଳତାଡ ଆରମ୍ଭ ବି କରିଛି । ଛାନଭିନ ବେଳେ ପ୍ରବର୍ତନ ନିର୍ଦ୍ଦେଶାଳୟ ଜାଣିବାକୁ ପାଇଥିଲା ଅର୍ଚ୍ଚନା-ଜଗବନ୍ଧୁଙ୍କ ଆକାଉଣ୍ଟରେ ରାଜ୍ୟର ୫ଟି ଅନ୍ୟ ବ୍ୟାଙ୍କ ଆକାଉଣ୍ଟରୁ ନଗଦ ୨ କୋଟିରୁ ଉଦ୍ଧ୍ୱର୍ ଟଙ୍କା ବିଭିନ୍ନ ସମୟରେ ଜମା କରାଯାଇଛି । ପ୍ରଶ୍ନ ଉଠୁଛି, ଏତେ ଟଙ୍କା ନାଗ-ଚାନ୍ଦ ଦମ୍ପତିଙ୍କ ପାଖକୁ ଆସିଲା କେମିତି ? କିଏ ଏହି ନଗଦ ଟଙ୍କା ଜମା କରିଥିଲା ? କାହା ଜରିଆରେ ଏହି ଟଙ୍କା ଆସିଥିଲା ? ବ୍ୟାଙ୍କ ଆକାଉଣ୍ଟରେ ଆଉ କେତେ ଟଙ୍କା ରହିଛି ? ଅର୍ଚ୍ଚନାଙ୍କ ସହଯୋଗୀ ଖଗେଶ୍ୱରଙ୍କୁ ରିମାଣ୍ଡରେ ନେଇ ଗୁଡାଇ ତୁଡାଇ ପ୍ରଶ୍ନ କରୁଛନ୍ତି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିକାରୀ । ଖଗେଶ୍ୱର ହିଁ ଦେଇଛି ନାଗ-ଚାନ୍ଦ ଦମ୍ପତିଙ୍କ କଳା ଟଙ୍କା କାରବାରର ଅନେକ ଠିକଣା । ଅର୍ଚ୍ଚନା ନାଗ ପ୍ରସଙ୍ଗକୁ ବିଧାନସଭାରେ ଉଠାଇବାକୁ ବିରୋଧୀ ପ୍ରସ୍ତୁତ ହେଉଛନ୍ତି । ବିଜେପି କହିଛି, ଏହି ପ୍ରସଙ୍ଗକୁ ଦଳ ଜୋରଦାର ଉଠାଇବ । ▶▶ପୃଷ୍ଠା ୭

ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢାଉ

ଉଦଳା ଆରଡବ୍ଲୁଏସଏସ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହ ଜଡିତ ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ

ଭୁବନେଶ୍ୱର, ୧୪/୧୧ : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୟୂରଭଂଜ ଜିଲ୍ଲାର ଉଦଳା ଆରଡବ୍ଲୁଏସଏସ ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନାରାୟଣ ପଣ୍ଡାଙ୍କ ଘର ଓ ସରକାରୀ କାର୍ଯ୍ୟାଳୟ ସମେତ ସମେତ ୮ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ଜାରି ରହିଛି। ଭୁବନେଶ୍ୱରରେ ୪ଟି ସ୍ଥାନ ସମେତ ଏକକାଳୀନ ୮ଟି ସ୍ଥାନରେ ଚଢ଼ାଉ କରାଯାଉଥିବା ଭିଜିଲାନ୍ସ ସୁତ୍ରରୁ ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ଶ୍ରୀ ପଣ୍ଡାଙ୍କର ଭୁବନେଶ୍ୱରର ଆଇଗିଣିଆରେ ଥିବା ତିନି ମହଲା କୋଠା ଦୋକାନ, ଖଣ୍ଡଗିରି ସପିଂ ପ୍ଲାଜାରେ ଥିବା ଏସପିଏସ କନଷ୍ଟ୍ରକସନ୍ କନସଲଟାନସି, ପାତ୍ରପଡ଼ାରେ ଥିବା ଟୁ ବିଏଚକେ ଫ୍ଲାଟ, ନୟାପଲ୍ଲୀରେ ଥିବା ତ୍ରବେଣୀ ଅଟୋଟେକ୍ ପ୍ରାଇଭେଟ୍ ଲିମିଟେଡ ରେ ଚଢାଉ ଚାଲିଛି । ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାର ଦାନପୁରରେ ଥିବା ପେ ?ତୃକ ଘର, କେନ୍ଦ୍ରାପଡ଼ା ଜିଲ୍ଲାର କଂସରାରେ ଥିବା ଶଶୁର ଘର, ମୟୂରଭଞ୍ଜର ଉଦଳାରେ ଥିବା ସରକାରୀ ବାସଭବନ ଓ ସରକାରୀ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛନ୍ତି। ଭୁବନେଶ୍ୱର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ସର୍ଚ୍ଚ ୱାରେଂଟର ଆଦେଶ ବଳରେ ଏହି ଚଢ଼ାଉ କରାଯାଉଛି ଜଣେ ଅତିରିକ୍ତ ଏସପି, ୮ ଜଣ ଡିଏସପି, ୫ ଇନ୍ସପେକ୍ଟର, ଜଣେ ସବ୍-ଇନ୍ସପେକ୍ଟର, ୧୧ ଏଏସଆଇ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଭିଜିଲାନ୍ସ ଚଢ଼ାଉ କରାଯାଉଛି।

ଶିଶୁ ଦିବସରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୧୪/୧୧ : ଶିଶୁ ଦିବସ ଅବସରରେ ସୋମବାର ଦିନ ବିଭିନ୍ନ ସ୍କୁଲର ଛାତ୍ର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ର(ଆର୍‌ବିସିସି)ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହିତ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଛୁଆଙ୍କୁ ଭାରତର ଭବିଷ୍ୟତର ନିର୍ମାତା ବନାଇ ତାଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ଏବଂ ନୂଆ ଆଡ଼କୁ ବିକଶିତ ଭାରତର ସ୍ୱପ୍ନ ଦେଖିବାକୁ ପରାମର୍ଶ ଦେଇଛନ୍ତି। ସେମାନେ କହିଛନ୍ତି ଯେ ଆଜିର ସ୍ୱପ୍ନ କାଲି ସତ ହୋଇପାରେ। ସେ ଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି ସେ ଏ ବିଷୟରେ ଭାବନ୍ତୁ ଯେ ବଡ଼ ହୋଇ କେଉଁପ୍ରକାର ଭାରତରେ ରହିବା ଦରକାର। ସେ ଛାତ୍ରଙ୍କୁ ପରିଣାମର ଚିନ୍ତା କରିବା ବିନା କର୍ତବ୍ୟ ମାର୍ଗରେ ଚାଲିବାର ଆଗ୍ରହ କରିଛନ୍ତି ଯାହା ଅନ୍ତତଃ ତାଙ୍କୁ ବଡ଼ ସଫଳତା ଆଡ଼କୁ ନେଇଯାଉଛି।

ଗୌରବ ଦ୍ୱିବେଦୀ ପ୍ରସାର ଭାରତୀର ନୂତନ ସିଇଓ

ନୂଆଦିଲ୍ଲୀ, ୧୪ ନଭେମ୍ବର (ହି.ସ.)- ପ୍ରସାର ଭାରତୀର ସିଇଓ (ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) ଭାବରେ ନିଯୁକ୍ତି ପାଇଛନ୍ତି ଗୌରବ ଦ୍ୱିବେଦୀ। ଭାରତର ରାଷ୍ଟ୍ରପତି ଚୟନ କମିଟିର ସୁପାରିଶ୍ କ୍ରମେ ତାଙ୍କୁ ନିଯୁକ୍ତି ମିଳିଛି। ଆଗାମୀ ପାଂଚ ବର୍ଷ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଶ୍ରୀ ଦ୍ୱିବେଦୀ ଭାରତୀୟ ପ୍ରଶାସନିକ ସେବା, ୧୯୯୫ ବ୍ୟାଚର ଛତିଶଗଡ କ୍ୟାଡରର ଜଣେ ଅଧିକାରୀ।

ଚୋରା ବନ୍ଧୁକରୁ ପୁଲିସ ଉପରକୁ ବର୍ଷିଲା ଗୁଳି : ଏନକାଉଂଟରେ ଅପରାଧୀ ଆହତ

ରାଉରକେଲା,୧୪/୧୧ : (ନି.ପ୍ର) ରାଉରକେଲା ପୁଲିସି ଜିଲ୍ଲାରେ ପୁଲିସି ଉପରକୁ ଗୁଳି ବର୍ଷଣ , ସେପୁଣି ଚୋରା ବନ୍ଧୁକରୁ ,ଏହି ମାମଲାରେ ପୁଲିସି ପକ୍ଷରୁ ପାଲଟା ଗୁଳି ଚାଳନା ପରେ ଗୁଳି ଚଳାଇଥିବା ଅପରାଧୀ ଅଜିତ ଓରାମ ଆହତ ହୋଇ ପୁଲିସି ହାତରେ ଧରା ପଡିଛି ,ତାକୁ ରାଉରକେଲା ସରକାରୀ ଡକ୍ତରଖାନାରେ ଚିକିତ୍ସା କରାଯାଉଛି । ଖବରରୁ ଜଣାପଡିଛି ରାଉରକେଲାର ଝିରିପାଣି ଥାନା ଅଂଚଳରେ ଗତକାଲି ଏକ ସରକାରୀ ଜମି ଜବରଦଖଲ ଓ ବିବାଦକୁ ନେଇ ଏହି ଅଭିଯୁକ୍ତ ଅଜିତ ଜଣଙ୍କୁ ଗୁଳି କରିବାରୁ ତାର ମୃତ୍ୟୁ ଘଟିଥିଲା ,ପରେ ସେ ସେଠାରୁ ଫେରାର ହୋଇଯାଇଥିଲା ।ତେବେ ଅଭିଯୁକ୍ତର ଗୀରଫ ଦାବି କରି ଗତକାଲି ଝିରିପାଣି ଥାନା ଘେରାଉ ଓ ରାସ୍ତା ଅବରୋଧ ପରେ ପୁଲିସି ଅଭିଯୁକ୍ତକୁ ଖୋଜି ଥିଲା। ବିଳମ୍ବିତ ରାତିରେ ତାକୁ ଜଳଦା ଅଂଚଳରେ ଠାବ କରି ଧରିବାକୁ ଯାଉଥିବା ବେଳେ ସେ ପୁଲିସି ଉପରକୁ ୩ରାଉଣ୍ଡ ଗୁଳି ଚଳାଇଥିଲା ,ପାଲଟା ଗୁଳିରେ ଅଭିଯୁକ୍ତ ଆହତ ହୋଇଥିଲା। ରାଉରକେଲାରେ ଚୋରା ବନ୍ଧୁକ କାରବାର ଦିନକୁ ଦିନ ବଢି ଶେଷରେ ଆଜି ସେହି ଚୋରା ବନ୍ଧୁକରୁ ପୁଲିସି ଉପରକୁ ଗୁଳି ଚାଳନା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ସହରକୁ ପ୍ରତିଦିନ ଚୋରା ଝାଡଖଣ୍ଡି ବନ୍ଧୁକ ପସିବା ସହ ଏହାର ବେପାର ସୁରୁଖୁର ରେ ଚାଲିଛି। ଗୁଳି ସହ ବନ୍ଧୁକ ୨ରୁ ୫ହଜାର ଭିତରେ ମିଳିଯାଉଥିବାରୁ ଏହାକୁ କେହି ବି ଅପରାଧ ଲାଗି କିଣି ନେଉଛି । ପୁଲିସି ପକ୍ଷରୁ ବର୍ଷ ବର୍ଷ ଧରି ଅନେକ ଚୋରା ବନ୍ଧୁକ ଗୁଳି ଧରାଯାଉଛି ହେଲେ ଏହି କାରବାରର ମୁଖ୍ୟ କିଏ ତାର ସହଯୋଗୀ ମାନେ କିଏ ତାହା ଆଜିଯାଏ ଜଣା ପଡିଲାନି କିମ୍ବା ସେମାନଙ୍କୁ ଧରାଯାଇପାରିଲାନାହିଁ ଫଳରେ ଏବେ ସହରରେ ଚୋରା ବନ୍ଧୁକ ହାଉଯାଉ ହେବାରେ ଲାଗିଲାଣି ।

ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ

ମାଲକାନଗିରି ,୧୪/୧୧ (ନି.ପ୍ର): କୁଟୁମୁଲୁ ଗୁମା ନୋଡାଲ ଉଚ୍ଚସରକାରୀ ବିଦ୍ୟାଳୟ ପରିସର ମଧ୍ୟରେ ବ୍ଲକ ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷାଧିକାରୀ ସୁ ଶ୍ରୀ ଗାୟତ୍ରୀ ଦେବୀଙ୍କ ଆନ୍ତରିକ ପ୍ରଚେଷ୍ଟା ଦ୍ୱାରା ଆୟୋଜିତ ମେଳାରେ ବିଭିନ୍ନ ପଂଚାୟତ ର ପ୍ରାୟ ୫ ୦ ଟି ବିଦ୍ୟାଳୟ ରୁ ଆସିଥିବା ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା । ନୂତନ ଜାତୀୟ ଶିକ୍ଷା ଅନୁଯାଇ ପ୍ରତେକ ବିଦ୍ୟାଳୟ ରେ ପ୍ରଥମ ଶ୍ରେଣୀ ଠାରୁ ତୃତୀୟ ଶ୍ରେଣୀ ପିଲାଙ୍କ ପାଇ ଚାଲିଥିବା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକ ପଡୁଥିବା ଟିଏଲଏମ (ଶିକ୍ଷଣ ସାମଗ୍ରୀ) ଗୁଡିକୁ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ଦ୍ୱାରା ପ୍ରସ୍ତୁତି ହୋଇ ଆସିଥିଲା । ଆସିଥିବା ଶିକ୍ଷଣ ସାମଗ୍ରୀ ଗୁଡାକ ବହୁତ ଉଚ୍ଚ କୋଟିର ଥିଲା । ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ପିଲାମାନେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ମାନ ଦେଖିବାର ସୁଯୋଗ ପାଇ ବହୁତ ଆନନ୍ଦିତ ହୋଇଥିଲେ । ଏହି କାର୍ଯ୍ୟକ୍ରମ ରେ ସହକାରୀ ଶିକ୍ଷାଧିକାରୀ ଅଞ୍ଜନ ଚୌଧୁରୀ, ଶ୍ରୀ ଅମ୍ବାଗୁଡ଼ିଆ, ହେମନ୍ତ କୁମାର ନାୟକ ସମସ୍ତେ ଉପସ୍ଥିତ ଥିଲେ । ବ୍ଲକ ଶିକ୍ଷାଧିକାରୀଙ୍କ ଏହି ଅଭିନ୍ନ ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ ।

କୃଷକ ସଚେତନତା ବୈଠକ

ଭବାନୀପାଟଣା ,୧୪/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା କାର୍ଲାମୁଣ୍ଡା ବ୍ଲକ ଯୋରାଡବରା ଗ୍ରାମ ପଂଚାୟତ ଅନ୍ତର୍ଗତ ଧାନମଣ୍ଡି ପଡିଆରେ କୃଷକ ସଚେତନ ବୈଠକ ଅନୁଷ୍ଠିତ ହୋଇଯାଇଛି । ମଂଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧନା କରି ମା ମହା ଲକ୍ଷ୍ମୀ ଙ୍କ ଫୋଟୋ ଚିତ୍ର ରେ ପୂଜା ଅର୍ଚ୍ଚନା କରାଯାଇଥିଲା । ଏହି ସଭାରେ କର୍ଲାମୁଣ୍ଡା ତଥା କେସିଙ୍ଗା, ମ. ରାମପୁର ବ୍ଲକ ର ସମସ୍ତ ଚାଷୀ ଉପସ୍ଥିତ ହୋଇ କୃଷକ ସଚେତନା ବୈଠକରେ ଅଂଶ ଗ୍ରହଣ କରିଥିଲେ ।

ସମସ୍ତ ଚାଷୀ ଅମଳ କରିଥିବା ଧାନ ର ଉପଯୁକ୍ତ ମୂଲ୍ୟ, କଟନୀ ଛାଟିନି କରି ଦଲାଲ, ମିଲ ଏଜେଂଟ ମାଲେମାଲ ହୋଇ ଚାଷୀ ଙ୍କ ବାଟ ମାରଣା ସମସ୍ୟା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହାର ସଚେତନତା ଅଭାବ ଯୋଗୁ ଚାଷୀ ମାନେ ଏକତ୍ରିତ ହୋଇ ସଭା କରି ଆଗାମୀ ଦିନରେ ଏହାର ଦୃଢ଼ ପ୍ରତିବାଦ କରିବାକୁ ଶପଥ ନେଇଥିଲେ । ଦିନ ଦିନ ଧରି ପଡି ରହୁଥିବା ଧାନ କୁ ଯଥା ଶୀଘ୍ର ପଠେଇ ସମସ୍ୟା ର ସମାଧାନ କରିବାକୁ ଦାବୀ ହୋଇଥିଲା । ପ୍ରାଥମିକ କୃଷି ସମବାୟ ସମିତି ଯୋରାଡବରା ସଭାପତି - ଦେବରାଜ ରଣା କୃଷକ ମାନଙ୍କ ସମସ୍ୟା କୁ ସୁପରିଚାଳନା ପାଇଁ ମତପୋଷଣ କରିଥିଲେ ।

ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ

ମାଲକାନଗିରି ,୧୪/୧୧ (ନି.ପ୍ର): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଓଡିଶାର ଉତ୍କଳ କଳା ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୁଟିଗୁଡାଠାରେ ଛାତ୍ରଛାତ୍ରୀ ମାନଙ୍କର ଜିଲ୍ଲା ସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ବ୍ଲକରୁ ଜୁନିୟର ଓ ସିନିୟର ଦୁଇଟି ବର୍ଗ ରେ ମୋଟ ୪୬୪ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।ସେଥି ମଧ୍ୟରୁ ଜୁନିୟର ବର୍ଗରେ୧୭୭ଜଣ ଓ ସିନିୟର ବର୍ଗରେ ୨୮୭ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ମାଲକାନଗିରି ଜିଲ୍ଲା ଶାଖା ର ସଭାପତି ତଥା ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ ,ସଂସଦର ଆଜୀବନ ସଦସ୍ୟ ଓ ସଦସ୍ୟା ଡ଼ି .ଆଶୀଷ କୁମାର ରାଠୋର,ଦକ୍ଷିଣ ସଂଭାଗର ସମ୍ପାଦକ ରବୀନ୍ଦ୍ର କୁମାର ମହାରଣା, କେନ୍ଦ୍ର ସଂଯୋଜକ ତଥା ବିଦ୍ୟାଳୟ ର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ, କାଲିମେଳା ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ପିତାମ୍ବର ପାଣି, ଶିକ୍ଷୟତ୍ରୀ ସାଧନା ରାଣୀ ମଣ୍ଡଳ, ବୁଟିଗୁଡା ବିଦ୍ୟାଳୟ ର ଶିକ୍ଷୟତ୍ରୀ ଅଙ୍ଗୁରବାଳା ସ୍ୱାଇଁ,ପ୍ରତିମା ନାୟକ ପ୍ରମୁଖ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।

ଏତଦବ୍ୟତୀତ ସ୍ୱେଚ୍ଛାସେବୀ ଶିକ୍ଷକ ଦେବରାଜ ସାହୁ ,ସୁରେନ୍ଦ୍ର ମହାରଣା, ଅଲେଖ ପାତ୍ର ,ପ୍ରମୋଦ କୁମାର ସାହୁ , ତପନକୁମାର ଦେ , ଅବସର ପ୍ରାପ୍ତ ଶିକ୍ଷକ ବଚିତ୍ରାନନ୍ଦ ରାଉତ,ସୁରେନ୍ଦ୍ର ମଲ୍ଲିକ ଓ ରଶ୍ମିତା ଚିନାମ ପ୍ରମୁଖ ଉପସ୍ଥିତ ରହି ନିରୀକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ । ସୂଚନାଯୋଗ୍ୟ ଯେ ଜୁନିଅର ଓ ସିନିୟର ବର୍ଗର ଛଅ ଜଣ ବିଜୟୀ ପ୍ରତିଯୋଗୀଙ୍କୁ ସ୍ୱାମୀ ବିବେକାନନ୍ଦ ଲୋକସଂସଦ ତରଫରୁ ଜାନୁଆରୀ୧୨ ତାରିଖ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ(ଯୁବ ଦିବସ) ଦିନ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମାନପତ୍ରସହ ପୁରସ୍କୃତ କରାଯିବ । ଆଜି ସାରା ରାଜ୍ୟରେ ଅନୁଷ୍ଠିତ ହୋଇଥିବା ଚିତ୍ରକଳା ପ୍ରତିଯୋଗିତାର ଫଳାଫଳ ୧୭ତାରିଖ ଦିନ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦରେ ଉପଲବ୍ଧ ହେବ ।

ଯାଜପୁର ଜିଲ୍ଲା ମହାବିଦ୍ୟାଳୟ ଅମଲା ସଂଘ ବୈଠକ

କୋରେଇ ,୧୪/୧୧ (ନି.ପ୍ର): ପାଣିକୋଇଲିସ୍ଥିତ ମା ତାରିଣୀ ମହାବିଦ୍ୟାଳୟ ପରିସରରେ ଆଜି ଯାଜପୁର ଜିଲ୍ଲା ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଅମଲା ସଙ୍ଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂଘର ସଭାପତି ହେମନ୍ତ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ନାତକ ଶିକ୍ଷା ଭିତିକ ଯୋଗତ୍ୟା ଦରମା ୪୨ଶହ ଗ୍ରେଡପେ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା । ସମ୍ପାଦକ ସଂଜୀବ କୁମାର କର ଆଲୋଚନାରେ ଭାଗନେଇ ୨୭ ନଭେମ୍ବରରେ ଭୁବନେଶ୍ୱରରେ ରାଜ୍ୟ ଅମାଲା ସଙ୍ଗ ଆନ୍ଦୋଳନରେ ସାମିଲ ହୋଇ ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ସମସ୍ତେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ । ବାବା ହରେକୃଷ୍ଣ ଦାସ ମହାବିଦ୍ୟାଳୟର ସୁକୁମାର ମହାନ୍ତି, ମାନତିରା ମହାବିଦ୍ୟାଳୟର ଅନିଲ କୁମାର ସାମଲ, ଚିତାଳୋ ମହାବିଦ୍ୟାଳୟର ରବିନ୍ଦ୍ର କୁମାର ନାୟକ, ସୁଶାନ୍ତ କୁମାର ପଣ୍ଡା, ବିରଜା ଶଙ୍କର ନାୟକ, କୋରେଇ ମହାବିଦ୍ୟାଳୟ ବାସନ୍ତୀ ବେହେରା, ପାଣିକୋଇଲି ମହାବିଦ୍ୟାଳୟର ମଧୁସୂଦନ ପଣ୍ଡା, ଶାନ୍ତନୁ କୁମାର ପହୀ, ସତ୍ରୁନ ମହାବିଦ୍ୟାଳୟର ପ୍ରଦୀପ କୁମାର ସାହୁ, ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳର କ୍ଷିରୋଦ କୁମାର ରାଉତ, କଳ୍ୟାଣୀ ପରିଡା, ମୁକୁନ୍ଦପାତ୍ର ମହାବିଦ୍ୟାଳୟର ଶରତ ଚନ୍ଦ୍ର ମିଶ୍ର, ଧନେଶ୍ୱର ରାଉତ, କପିଳେଶ୍ୱର ମହାବିଦ୍ୟାଳୟର ଅଜୟ କୁମାର ପାତ୍ର, ବିରିପାଟି ମହାବିଦ୍ୟାଳୟର ବୈକୁଣ୍ଠ ନାଥ ସେନାପତିଙ୍କ ସମେତ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ଅମଲାମାନେ ଯୋଗଦେଇଥିଲେ । ଶେଷରେ ମହେଶ୍ୱର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ତରୁଣ ପ୍ରଜ୍ଞା ଭାରତୀ ତରଫରୁ ପ୍ରତିଯୋଗିତା

ଜୟପୁର ,୧୪/୧୧ (ନି.ପ୍ର): ତରୁଣ ପ୍ରଜ୍ଞା ଭାରତୀ ଜୟପୁର ତରଫରୁ ଫଂଚାନନ ମନ୍ଦିର ପ୍ରାଙ୍ଗଣରେ ମୃଦଙ୍ଗ ବାଦନ, ଓଡ଼ିଶୀ ଓ ଲୋକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରାଚୀନ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ତରୁଣ ପ୍ରଜ୍ଞା ଭାରତୀ ଦୀର୍ଘ ୩୩ ବର୍ଷ ହେଲା ତାର ପ୍ରୟାସ ଜାରି ରଖିଛି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଡ. ଗଙ୍ଗାଧର ନନ୍ଦ, ଉପସଭାପତି ମୀନକେତନ ଦାଶ ଉଦ୍ଘାଟନ କରିଥିଲେ । ବିଚାରକ ଭାବେ ଓଡିଶୀ ନୃତ୍ୟଶିଳ୍ପୀ ଗୀତା ଜୟନ୍ତୀ ପାତ୍ର,ଶଙ୍କରୀ ଦଳପତି, ପ୍ରଫୁଲ୍ଲ ମହାଙ୍କୁଡ, ସୁବର୍ଣ୍ଣ କୁମାରୀ ଖିଲ, ଅନନ୍ତ ବିଜୟ ଧୀବର ପ୍ରମୁଖ ଉପସ୍ଥିତ ରହି ପ୍ରତିଭା ଚୟନ କରିଥଲେ । ଏହି କାର୍ଯ୍ୟକ୍ରମକୁ ସଂପାଦକ ଯଜ୍ଞେଶ୍ୱର ପଣ୍ଡା, ସୁବାସ ଚନ୍ଦ୍ର ପଣ୍ଡା, କେ.ତିରୁପତି ପାତ୍ର,ରବୀନ୍ଦ୍ର ମହାରଣା,ରୀତାଞ୍ଜଳି ଡାକୁଆ,ଲିପିକା ଦଳେଇ ପ୍ରମୁଖ ପରିଚାଳନା କରିଥିଲେ ।

ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର କଳା ବ୍ୟାଜ ପରିଧାନ କରିବାକୁ ନିଷ୍ପତ୍ତି

କନ୍ଧମାଳ ,୧୪/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ସଦର ମହକୁମା ସ୍ଥିତ ମୋହନ ଦାସ କରମଚାନ୍ଦ ସଂସ୍କୃତିକ ପରିଷଦ କକ୍ଷରେ କନ୍ଧମାଳ ଜିଲ୍ଲାର ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ସଭାପତି ପୂର୍ଣ୍ଣ ଚନ୍ଦ୍ର ମିଶ୍ର ଙ୍କ ସଭାପତିତ୍ୱରେ ବ୍ଲକ ସାଙ୍ଗଠନିକ ସମ୍ପାଦକ ଓ ଜିଲ୍ଲା କର୍ମକର୍ତାଙ୍କ ମଧ୍ୟରେ ଏକ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହେଇଯାଇଅଛି । ଉକ୍ତ ବୈଠକରେ କନ୍ଧମାଳ ଜିଲ୍ଲା ଓଡିଶା କର୍ମଚାରୀ ସଂଗ୍ରାମ ସମିତିର ଜିଲ୍ଲା ସଭାପତି ଓ ସମ୍ପାଦକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆସନ୍ତା ୧୪ ତାରିଖରୁ କଳାବ୍ୟାଚ ପରିଧାନ ପୂର୍ବକ କାର୍ଯ୍ୟ କରିବା ପାଇଁ ଏବଂ ଆଗାମୀ ୨୬ ତାରିଖ ଦିନ ଭୁବନେଶ୍ୱର ଯିବା ପାଇଁ ପରାମର୍ଶ ଦେଇଥିଲେ । ଆୟୋଜିତ ବୈଠକରେ କନ୍ଧମାଳ ଜିଲ୍ଲାର ପ୍ରତି ବ୍ଲକ ରୁ ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀର ବ୍ଲକ ସାଙ୍ଗଠନିକ ସମ୍ପାଦକଙ୍କ ସହ ଅନ୍ୟ କର୍ମଚାରୀ ମାନେ ଯୋଗଦେଇଥିଲେ ଏହିପରି ଭାବରେ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ କର୍ମଚାରୀ ଯୋଗଦେଇଥିଲେ । ଏବଂ ଆଜିକାର ଏହି ବୈଠକରେ ଓଡିଶା କର୍ମଚାରୀ ସଂଗ୍ରାମ ସମିତିର ଦୁଇ ମୁଖ୍ୟ ବକ୍ତା ଓ ଓଡିଶା ସରକାରୀ ଆଉଟସୋର୍ସଙ୍ଗ କର୍ମଚାରୀ ମହାସଂଘର ସଭାପତି ଓ ସମ୍ପାଦକ ଉଦବୋଧନ ଦେଇ ବ୍ଲକ ଓ ଜିଲ୍ଲାରୁ ଆସିଥିବା ସହ ସହ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ କହିଥିଲେ ଯେ ରାଜ୍ୟ ଶାଖାର ନେତୃମଣ୍ଡଳୀଙ୍କ ନିସ୍ପତି ଓ ନିର୍ଦ୍ଦେଶକ୍ରମେ ଆମ୍ଭେମାନେ ବି ସେହି ନିଷ୍ପତ୍ତିକୁ ମାନି ଆଗାମୀ ୧୪.୧୧.୨୦୨୨ ରିଖ ଠାରୁ ତା ୧୯.୧୧.୨୦୨୨ ରିଖ ପର୍ଯ୍ୟନ୍ତ କଳାବ୍ୟାଚ ପରିଧାନ କରିବା ଏବଂ ତତ୍ ସଙ୍ଗେ ସଙ୍ଗେ ତା.୨୬.୧୧.୨୦୨୨ ରିଖରେ ହେବାକୁ ଥିବା ଆନ୍ଦୋଳନ ସାରା ଓଡିଶାରୁ ହଜାର ହଜାର ସଂଖ୍ୟାରେ କାର୍ଯ୍ୟରତ ଥିବା ଆଉଟସୋର୍ସିଙ୍ଗ କର୍ମଚାରୀ ନିଜ ଜିଲ୍ଲାରେ ନିଜ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଏକ ଦିନ ପାଇଁ ଅନୁମତି ମାଗି ନିଜ ଜିଲ୍ଲାରୁ ବାହାରି ଯାଇ ରାଜ୍ୟଶାଖାରେ ଯୋଗ ଦେଇ ଭୁବନେଶ୍ୱରରେ ଥିବା ଲୋୟର ପିଏମଜୀ ନିକଟରେ ଏକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ପାଇଁ ଆଲୋଚନା କରଯାଇଥିଲା । ଜିତେନ୍ଦ୍ର ମାର୍ଥା ସଭାକୁ ସଂଯୋଜନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜୟଲକ୍ଷ୍ମୀ ପଣ୍ଡା, ସତ୍ୟ ନାରାୟଣ ପଣ୍ଡା, ସୂର୍ଯ୍ୟ ନାରାୟଣ ସାହୁ, ଲଲିତ କୁମାର ଜେନା, ପ୍ରଦୀପ କୁମାର ପ୍ରଧାନ, ବିଶ୍ୱପ୍ରକାଶ ଜେନା, ପ୍ରକାଶ ଚନ୍ଦ୍ର ବେହେରା, ସୁଶାନ୍ତ କହଁର, ବସନ୍ତ କୁମାର ପ୍ରଧାନ ସରୋଜ କୁମାର ନାୟକ,ମାନଶ ରଞ୍ଜନ ଆଚାରୀ, ନୀଳ ମାଧବ ସାହୁ, ଅଶୋକ କୁମାର ପଟ୍ଟନାୟକ, ଦୀପକ କୁମାର ରଥ, କାର୍ତିକ ସାହାଣି ଓ ପ୍ରତ୍ୟେକ ବ୍ଲକର ସାଙ୍ଗଠନିକ ସମ୍ପାଦକ ଓ ଅନ୍ୟ ଆଉଟସୋର୍ସିଙ୍ଗ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ଛତାମଖନା ଭୂତଳ ଜଳସଂରକ୍ଷଣ ପ୍ରକଳ୍ପ କାମ ଦେଖିଲେ ନରସିଂହ

ବଲାଙ୍ଗିର ,୧୪/୧୧ (ନି.ପ୍ର): ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସୁକତେଲ ନଦୀ ଉପରେ ନିର୍ମାଣ ହେଉଥିବା ଛତାମଖନା ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କାମ ର ତଦାରଖ କରିଛନ୍ତି । ଅପରାହ୍ନ ଘ.୪.୩୦ମି. ସମୟରେ ପ୍ରକଳ୍ପ କ୍ଷେତ୍ରରେ ପହଂଚି ସେଠାରେ ଆରମ୍ଭ ହୋଇଥିବା ବ୍ୟାରେଜ କାମ ସବିଶେଷ ତତ୍ତ୍ୱ ସେଠାରେ ଉପସ୍ଥିତ ଥିବା ପ୍ରକଳ୍ପ ମ୍ୟାନେଜର ସୁଶିଲ କୁମାର ନାୟକଙ୍କ ଠୁ ପଚାରି ବୁଝିଥିଲେ । ୧୫୪ କୋଟି ଟଙ୍କାର ବ୍ୟୟ ଅଟକଳ ନିର୍ମାଣଧିନ ଏହି ଅନ୍ତଃନଦୀ ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ ଏ ଅଂଚଳର ଲୋକଙ୍କ ପାଇଁ ଏକ ଆଶିର୍ବାଦ ସଦୃଶ ହେବ । ଏହା ସମ୍ପୁର୍ଣ୍ଣ ହେଲେ ଏ ଅଂଚଳର ମାଟି ର ଆଦ୍ରତା ବଢିବା ସହିତ ଏହାର ଉର୍ବରତା ଯୋଗୁଁ ଚାଷୀ ତାର ଅମଳର ପରିମାଣ ବଢେଇ ପାରିବ । ବ୍ୟାରେଜ ନିର୍ମାଣ ପରେ ବ୍ୟାରେଜର ଉପର ମୁଣ୍ଡରେ ୩ କିମି ରୁ ଉର୍ଦ୍ଧ୍ୱ ନଦୀ ଶଯ୍ୟାରେ ପାଣି ଜମି ରହିବ । ଯାହା ଫଳରେ ଚାଷୀ ଚାଷ କରିବା ପାଇଁ ଆଉ ବିଶେଷ ଅସୁବିଧାର ସମ୍ମୁଖିନ ହେବ ନାହିଁ । ଜମିର ଆଦ୍ରତା ଓ ଉର୍ବରତା ବଢିବା ଫଳରେ ପିଇବା ପାଣି ସମସ୍ୟା ଦୂର ହେବ, ଚାଷ ର ଉନ୍ନତି ହେବ ଏବଂ ଅର୍ଥନୀତିରେ ଏହା ଅନେକ ପରିମାଣରେ ସହାୟକ ହେବ ବୋଲି ବିଧାୟକ ଶ୍ରୀ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି । ବିଭାଗୀୟ ସ୍ତରରେ ମଧ୍ୟ ଏହି ପ୍ରକଳ୍ପ କାର୍ଯ୍ୟର ଆରମ୍ଭ ଓ ସମାପନକୁ ବିଶେଷ ଗୁରୁତ୍ୱ ଦିଆଯାଇଥିବାରୁ ଏହି ପ୍ରକଳ୍ପ କାମ ୨୦୨୪ ମସିହା ମଧ୍ୟରେ ସମାପନ ହୋଇ ଲୋକାର୍ପିତ ହେବାର ଆଶା କରାଯାଏ । ଆଜି ବିଧାୟକ ଶ୍ରୀ ମିଶ୍ର ପ୍ରକଳ୍ପ କ୍ଷେତ୍ରକୁ ଗସ୍ତ ସମୟରେ ଏହି ପ୍ରକଳ୍ପ କାମର ମାନ, ପ୍ରକଳ୍ପ ଡିଜାଇନ, ଜଳ ଧାରଣ କ୍ଷମତା ତଥା ସମ୍ପୁର୍ଣ୍ଣ ହେବା ସମୟସୀମାକୁ ନେଇ ସେଠାରେ ଉପସ୍ଥିତ ଥିବା ପ୍ରକଳ୍ପ ମ୍ୟାନେଜର ସୁଶିଲ କୁମାର ନାୟକଙ୍କ ଠାରୁ ପଚାରି ବୁଝିଥିଲେ ଏବଂ ଏହାର ଗୁଣାବତ୍ତା ଏବଂ ନିର୍ମାଣରେ ଯେପରି କୌଣସି ପ୍ରକାର ସାଲିସ ନ ହେବ ସେ ଉପରେ ବିଶେଷ ଧ୍ୟାନ ଦେବାକୁ ପ୍ରକଳ୍ପ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ଷେତ୍ର ପରିଦର୍ଶନ ସମୟରେ ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା କର୍ମକର୍ତ୍ତା ଙ୍କ ସହ ଏହି ପ୍ରକଳ୍ପ ଆଖପାଖ ଅଂଚଳର ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

ମହା ସମାବେଶ ପାଇଁ ଓଡିଶା ଅମଲା ସଂଘର ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା ,୧୪/୧୧ (ନି.ପ୍ର): ଓଡିଶା ରାଜ୍ୟ ଅମଲା ସଂଘ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ ଆସନ୍ତା ୨୭ ତାରିଖ ମହା ସମାବେଶ ପାଇଁ ଏକ ପ୍ରସ୍ତୁତି ବୈଠକ ମୋହନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରସ୍ତୁତି ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ୨୦୦ରୁ ଉର୍ଦ୍ଧ୍ୱ କନିଷ୍ଠ, ବରିଷ୍ଠ ସହାୟକ ଓ ଉପ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ସଂଶୋଧନ ନିୟମ ଅନୁଯାଇ ରାଜ୍ୟ ସରକାର କନିଷ୍ଠ ସହାୟକ ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତା କମ୍ପ୍ୟୁଟର ଯୋଗ୍ୟତା ସହିତ ସ୍ନାତକ ଗ୍ରାଜୁଏଟ ରଖିଥିବା ବେଳେ ୨୦୧୭ ମସିହା ଠାରୁ ଏଯାଏ ଦରମା ସଂଶୋଧନ କରି ନାହାଁନ୍ତି । କନିଷ୍ଠ ସହାୟକମାନଙ୍କୁ ଷଷ୍ଠ ବେତନ ଆୟୁକ୍ତଙ୍କ ଦ୍ୱାରା ଧାର୍ଯ୍ୟ ଗ୍ରେଡ ପେ ୧୯୦୦ ଟଙ୍କା ପ୍ରଦାନ କରାଯାଉଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନାର ସଫଳ ରୂପାୟନ ପାଇଁ ଅମଲା ମାନେ ନିଷ୍ଠାପର ଭାବରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ କରୁଛନ୍ତି । ସେମାନଙ୍କର ଗ୍ରେଡ ପେ ବୃଦ୍ଧି କରାଯାଇ ୪୨୦୦ ଟଙ୍କା ପ୍ରଦାନ କରିବାକୁ କର୍ମଚାରୀ ମାନେ ଦାବି କରିଛନ୍ତି । ଆସନ୍ତା ୧୫ ତାରିଖ ରାଜ୍ୟର ୩୦ ଗୋଟି ଜିଲ୍ଲାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ନିଷ୍ପତି କରାଯାଇଛି । ଏହି ପ୍ରସ୍ତୁତି ବୈଠକରେ ସଂପାଦକ ଅଧିର କୁମାର ସାହୁ, ଉପ ସଭାପତି ଅବିନାଶ ତ୍ରିପାଠୀ, ଚେୟାରମ୍ୟାନ ବିଶ୍ୱ ପ୍ରକାଶ ଲେଙ୍କାଙ୍କ ସହ ଭୁମିସୁତା ମହାନ୍ତି, ଅବିନାଶ ଲେଙ୍କା, ସୁସୋମ୍ୟ ଦାସ, ମନୋରଞ୍ଜନ ମିଶ୍ର, ଦିପକ ମହାରଣା, ଜେଡଆଇ ଖାନ, ସୟଦ ଅନସର ଅଲ୍ଲୀ, ରାଜ କିଶୋର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

ଶିକ୍ଷକ ଦକ୍ଷତା ବିକାଶ ପ୍ରଶିକ୍ଷଣ

କୋରେଇ ,୧୪/୧୧ (ନି.ପ୍ର): ଯାଜପୁର ସମଗ୍ର ଶିକ୍ଷା ଆନୁକୂଲ୍ୟରେ ୧ମ ଓ ୨ୟ ପର୍ଯ୍ୟାୟ ୫ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକଙ୍କର ଏକ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍

ମେକ୍‌ଅପ୍ ନେଉଥିବା କର୍ମଜୀବୀ ମହିଳାଙ୍କ ପାଇଁ ୫ଟି ଟିପ୍ସ

ପ୍ରାୟ ସମସ୍ତେ- ପୁରୁଷ ହୁଅନ୍ତୁ ବା ମହିଳା, ଅଫିସ୍‌ରେ ସ୍ମାର୍ଟ ଦିଶିବା ପାଇଁ ଚେଷ୍ଟା କରନ୍ତି। ଅନେକ ମହିଳା ଅଫିସ୍ ଯିବା ବେଳେ ମେକ୍‌ଅପ୍ ନିଅନ୍ତି। ସେମାନଙ୍କର ଧାରଣା ମେକ୍‌ଅପ୍ ନେଲେ ସେମାନେ ସୁନ୍ଦର ଦେଖାଯିବା ସହିତ ଅଧିକ ସ୍ମାର୍ଟ ଦେଖାଯା'ନ୍ତି। ଆଉ ମେକ୍‌ଅପ୍ ନେଲେ ସେମାନଙ୍କ ଆତ୍ମବିଶ୍ୱାସ ବି ବଢ଼ିଯାଏ। ତେବେ ବେଳେ ବେଳେ ମେକ୍‌ଅପ୍‌ର ମାପଚୁପରେ ଏପଟ ସେପଟ ହୋଇଗଲେ ତାହା ସେମାନଙ୍କ ସୌନ୍ଦର୍ଯ୍ୟକୁ ବିଗାଡ଼ି ଦେଇଥାଏ। ତେଣୁ ଅଫିସ୍ ଗଲା ବେଳେ ସ୍ମାର୍ଟ ଦିଶିବା ପାଇଁ କେମିତି ମେକ୍‌ଅପ୍ ନେବାକୁ ହେବ, ତାହା ବି ଜାଣିବା ଜରୁରୀ। ତା'ହେଲେ ଆସନ୍ତୁ ସେ ବିଷୟରେ ଆଲୋଚନା କରିବା।

- କିଛି ମହିଳାଙ୍କର ହେଭି ମେକ୍‌ଅପ୍ ବା ଅଧିକ ମେକ୍‌ଅପ୍ ନେବାର ଅଭ୍ୟାସ ଥାଏ। ତେବେ ସେମାନେ ଜାଣନ୍ତି ନାହିଁ ଯେ, ଅଧିକ ମେକ୍‌ଅପ୍ ସେମାନଙ୍କୁ ଅସୁନ୍ଦର କରିଦିଏ। ତେଣୁ ଅଫିସ୍‌କୁ ଯିବା ବେଳେ ହାଲ୍‌କା ଓ ନ୍ୟାଚୁରାଲ୍ ମେକ୍‌ଅପ୍ ନିଅନ୍ତୁ। ଏହା ଆପଣଙ୍କୁ ସ୍ମାର୍ଟ ଲୁକ୍ ଦେବାରେ ସାହାଯ୍ୟ କରିବ।
- ମେକ୍‌ଅପ୍ ପାଇଁ ଡାର୍କ ଆଇଲାଇନର, ଡାର୍କ ଶେଡ୍ ଲିପ୍‌ଷ୍ଟିକ୍ ଏବଂ ଡାର୍କ ଆଇ ଶ୍ୟାଡୋ ଲଗାନ୍ତୁ ନାହିଁ। ଏହା ପରିବର୍ତ୍ତେ ହାଲ୍‌କା ରଙ୍ଗର ଆଇଲାଇନର ଓ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କୁ ଏକ ସୁନ୍ଦର ଓ ନ୍ୟାଚୁରାଲ୍ ଲୁକ୍ ମିଳିବ।
- ଯଦି ଅଫିସ୍‌ରେ ଅଧିକ ସମୟ ରହିବାକୁ ପଡୁଛି, ତା'ହେଲେ ପର୍ସରେ ଏକ ଛୋଟ ମେକ୍‌ଅପ୍ କିଟ୍ ରଖନ୍ତୁ। ମଝିରେ ମଝିରେ ଟଚ୍‌ଅପ୍ ଦିଅନ୍ତୁ।
- ସେହିପରି ଯଦି ଆପଣଙ୍କ ସ୍କିନ୍ ଅଏଲି, ତା'ହେଲେ କିଛି କଟନ୍ ଓ ଫେସ୍ ୱାଶ୍ (ଆପଣ ଯେଉଁ ବ୍ରାଣ୍ଡ ବ୍ୟବହାର କରୁଛନ୍ତି)କୁ ମେକ୍‌ଅପ୍ କିଟ୍‌ରେ ରଖିବାକୁ ଭୁଲନ୍ତୁ ନାହିଁ।
- ସମସ୍ତଙ୍କଠାରୁ ଭିନ୍ନ ଲାଗିବା ପାଇଁ ହେୟାର ଷ୍ଟାଇଲ୍‌ରେ ମଧ୍ୟ ପରିବର୍ତ୍ତନ ଆଣନ୍ତୁ।

ନିୟମିତ ସେଭିଂ କଲେ ମିଳିବ ଏହିସବୁ ଫାଇଦା

ସୁନ୍ଦର, ଆକର୍ଷଣୀୟ, ସ୍ମାର୍ଟ୍ ଓ ପ୍ରଫେସନାଲ୍ ଲୁକ୍ ପାଇଁ ଆଜିକାଲି କ୍ଲିନ୍‌ସେଭ୍ ଚେହେରାକୁ ହିଁ ପସନ୍ଦ କରାଯାଉଛି। ଯେଉଁ ଯୁବକ ଓ ବ୍ୟକ୍ତିମାନେ କ୍ଲିନ୍‌ସେଭ୍ ପସନ୍ଦ କରନ୍ତି, ସେମାନେ ସପ୍ତାହରେ ୨ରୁ ୩ ଥର ସେଭିଂ ହୁଅନ୍ତି। ହେଲେ, ଆପଣ ଜାଣନ୍ତି, ନିୟମିତ ସେଭିଂ କଲେ ପୁରୁଷଙ୍କ ତ୍ୱଚାକୁ ଅନେକ ଫାଇଦା ମିଳିଥାଏ। ଆସନ୍ତୁ ସେସବୁ ଫାଇଦା ବିଷୟରେ ଜାଣିବା।

ଡେଡ୍ ସ୍କିନ୍ ଦୂର ହୁଏ: ନିୟମିତ ସେଭିଂ କଲେ କେବଳ ଦାଢ଼ି ସଫା ହୁଏ ତା ନୁହେଁ, ତ୍ୱଚାର ଉପର ଭାଗରେ ଜମି ରହିଥିବା ଡେଡ୍ ସ୍କିନ୍ ମଧ୍ୟ ସଫା ହୋଇଯାଏ। ଯାହା ଆପଣଙ୍କୁ ଏକ ଫ୍ରେସ୍ ଲୁକ୍ ଦେଇଥାଏ।

ସୁସ୍ଥ ତ୍ୱଚା: ଏହା ତ୍ୱଚାରୁ ଦାଢ଼ି ଓ ଡେଡ୍ ସ୍କିନ୍ ସଫା କରିବା ସହ ସେଭିଂ ସମୟରେ ତ୍ୱଚାକୁ ଏକ ହାଲ୍‌କା ମସାଜ ଦେଇଥାଏ।

ୟଙ୍ଗ ଦେଖାଯିବେ: ନିୟମିତ ଭାବେ ସେଭିଂ କଲେ ଡେଡ୍ ସ୍କିନ୍ ବାହାରିଯାଏ। ଫଳରେ ତ୍ୱଚାରେ ମେଲାନିନ୍ ଓ କ୍ୟାରଟିନ୍‌ର ମାତ୍ରା ବଢ଼ିଥାଏ। ଯାହା ଦ୍ୱାରା ନୂଆ ତିଆରି ହେଉଥିବା ତ୍ୱଚା ପୂରୁଣା ତ୍ୱଚାଠୁ ଅଧିକ ଫ୍ରେଶ୍ ଦେଖାଯାଏ ଓ ଏହାକୁ ଅତି ଶୀଘ୍ର ରିକଭରି ହେବାକୁ ସମୟ ମିଳିଯାଏ।

ପିଏଚ୍ ଲେଭଲ୍‌କୁ କଣ୍ଟ୍ରୋଲ୍ କରେ: ନିୟମିତ ସେଭିଂ କରିବା ସମୟରେ ଆମେ ଯେଉଁ ସେଭିଂ କ୍ରିମ୍, ଜେଲ୍, ଅଏଲ୍ ଓ ପ୍ରି-ସେଭ୍ ବ୍ୟବହାର କରୁ ସେଗୁଡ଼ିକ ଆମ ତ୍ୱଚାର ପିଏଚ୍ ଲେଭଲ୍‌କୁ କଣ୍ଟ୍ରୋଲ୍ କରିଥାଏ।

ଫୂର୍ତ୍ତି ଲାଗିବ: ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣା ପଡ଼ିଛି ଯେ ପ୍ରତିଦିନ ସକାଳୁ ଉଠି କାମକୁ ଯିବା ପୂର୍ବରୁ ଯେଉଁମାନେ ସେଭିଂ କରିଥାନ୍ତି, ସେମାନେ ଦିନସାରା ବେଶ୍ ଫୂର୍ତ୍ତି ରହିଥାନ୍ତି। ଅନ୍ୟମାନଙ୍କଠୁ ଏମାନେ ଅଧିକ ବ୍ୟବସ୍ଥିତ ଢଙ୍ଗରେ କାମ କରିଥାନ୍ତି।

ସେଭିଂ ପରେ ଏହି ଘରୋଇ ଉପାୟ ଦ୍ୱାରା ନିଅନ୍ତୁ ତ୍ୱଚାର ଯତ୍ନ

ଅମୃତଭଣ୍ଡା- ସେଭିଂ ପରେ ଚେହେରାର ତ୍ୱଚା ରୁକ୍ଷ ହୋଇଯାଏ। ତେଣୁ ସେଭିଂ ପରେ ପାଚିଲା ଅମୃତଭଣ୍ଡା ଲଗାଇଲେ, ଚେହେରାର ରୁକ୍ଷ ପଣ ଦୂର ହୋଇଥାଏ। କାରଣ ପାଚିଲା ଅମୃତଭଣ୍ଡାରେ ଭିଟାମିନ୍-ଏ ଅଧିକ ମାତ୍ରାରେ ରହିଛି। ଏଥିପାଇଁ ପ୍ରଥମେ କଟା ଅମୃତଭଣ୍ଡାକୁ ସ୍କ୍ରବ୍ ଆକାରରେ ମୁହଁରେ କିଛି ସମୟ ଘଷନ୍ତୁ। ଘଷିବା ପରେ ମୁହଁକୁ ଶୁଖିବା ପାଇଁ କିଛି ସମୟ ଛାଡ଼ି ଦିଅନ୍ତୁ। ଶୁଖିଗଲେ ମୁହଁକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଏପରି କଲେ, ଚେହେରାର ତ୍ୱଚା କୋମଳ ଓ ଚମକଦାର୍ ଦେଖାଯିବ।

ଥଣ୍ଡା କ୍ଷୀର- କ୍ଷୀରରେ ଥିବା ଲାକ୍ଟିକ୍ ଏସିଡ୍ ପ୍ରାକୃତିକ ମଶ୍ଚରାଇଜରର କାମ କରିଥାଏ। ତ୍ୱଚାରେ ଚମକ ଆଣିବା ପାଇଁ ସେଭିଂ କରିବା ପରେ ଏକ ତୁଳାକୁ ଥଣ୍ଡା କ୍ଷୀରରେ ବୁଡ଼ାଇ ଚେହେରାରେ ଲଗାନ୍ତୁ। କିଛି ସମୟ ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏପରି କଲେ ସେଭିଂ ପରେ ତ୍ୱଚା ଜ୍ୱଳନରୁ ଆରାମ ମଧ୍ୟ ମିଳିବ।

ଆପଲ ସାଇଡର ଭିନେଗାର- ଆପଲ ସାଇଡର ଭିନେଗାରରେ ଥିବା ଆଣ୍ଟି ଇଫ୍ଲେମେଟରି ଗୁଣ ସେଭିଂ ପରେ ତ୍ୱଚା କୁଣ୍ଡେଇ ହେବାରୁ ରକ୍ଷା କରିଥାଏ। ଏଥିପାଇଁ ଏକ ପାତ୍ରରେ ଅଳ୍ପ ପାଣିରେ ଆପଲ୍ ସାଇଡର ଭିନେଗାର ମିଶାଇ ଚେହେରାରେ ଲଗାନ୍ତୁ। ଏଭଳି କଲେ ଆପଣଙ୍କୁ ଇନ୍‌ଫେକସନ୍‌ରୁ ମୁକ୍ତି ମିଳିବ।

ଲୋ'ବ୍ଲଡପ୍ରେସର ଥିଲେ କ'ଣ ଖାଇବେ ?

ଲୋ ବ୍ଲଡପ୍ରେସର ଏକ ଏଭଳି ସ୍ଥିତି ଯେଉଁଠି ବ୍ୟକ୍ତିଙ୍କ ରକ୍ତଚାପ ସ୍ତର ହଠାତ କମିଯାଏ। ଏହା ସାଧାରଣ କଥା କିନ୍ତୁ ଏହାକୁ ଅଣଦେଖା କରିବା ଉଚିତ ନୁହେଁ। ଏହା ବେଳେ ବେଳେ ମାରାତ୍ମକ ସାଜିପାରେ। ଲୋ ବ୍ଲଡପ୍ରେସର ବା କମ ରକ୍ତଚାପର ଆଉ ଏକ କାରଣ ଆପଣଙ୍କ ଖାଦ୍ୟ ମଧ୍ୟ ହୋଇପାରେ। ବିଶେଷଜ୍ଞଙ୍କ ମତ ଅନୁସାରେ ଆପଣ ଯାହା ସବୁ ଖା'ନ୍ତି, ତାହା ଆପଣଙ୍କ ସ୍ୱାସ୍ଥ୍ୟ, ହୃଦୟ ଏବଂ ରକ୍ତଚାପ ଉପରେ ପ୍ରଭାବ ପକାଇଥାଏ। ତେଣୁ ରକ୍ତଚାପଠାରୁ ଦୂରେଇ ରହିବା ପାଇଁ ବିଶେଷ ରୂପେ ନିଜ ଖାଦ୍ୟ ଉପରେ ଧ୍ୟାନ ଦେବା ଜରୁରୀ । ତେବେ ଆସନ୍ତୁ ଜାଣିବା ଲୋ' ବ୍ଲଡପ୍ରେସର ଥିଲେ କ'ଣ ସବୁ ଖାଇବା ଉଚିତ।

ଅଣ୍ଡା: ଅଣ୍ଡା ଅନେକ ସମସ୍ୟାର ବିକଳ୍ପ, କିନ୍ତୁ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ଏହା ସବୁଠୁ ଭଲ ଆହାର। ଏଥିରେ ଥିବା ଭିଟାମିନ ବି-୧୨ ନାଲି ରକ୍ତ କଣିକା ସୃଷ୍ଟି କରିବାରେ ସହାୟକ ହୁଏ। ଲୋ-ବିପି ଭଳି ସ୍ଥିତିରେ ଭିଟାମିନ ବି-୧୨ ଯୁକ୍ତ ଖାଦ୍ୟ ଖାଇବା ଉଚିତ।

ଡାର୍କ ଚକୋଲେଟ: ଯେତେବେଳେ ଆପଣଙ୍କ ରକ୍ତଚାପ କମ ଥିବା ଅନୁଭବ କରନ୍ତି ସେତେବେଳେ ସଙ୍ଗେସଙ୍ଗେ ଡାର୍କ ଚକୋଲେଟ ଖାଇପାରିବେ। ଏହାଦ୍ୱାରା ଆପଣଙ୍କୁ ଆରାମ ମିଳିପାରିବ। ଏଥିରେ ଫ୍ଲାଭାନୋଲ ନାମକ ଏକ ରାସାୟନିକ ପଦାର୍ଥ ଥାଏ, ଯାହା ଶରୀରର ଓଜନ ଏବଂ ଚର୍ବି ସ୍ତରକୁ ପରିବର୍ତ୍ତନ ନକରି ବିପିକୁ କଣ୍ଟ୍ରୋଲ କରିବାରେ କ୍ଷମତା ରଖିଥାଏ।

ଅଙ୍ଗୁର ଜୁସ୍: ରକ୍ତଚାପ ଚିକିତ୍ସାରେ ଅଙ୍ଗୁର ଜୁସର ପ୍ରୟୋଗ ବେଶ ପ୍ରବାଶାଳୀ। ଏକ ଅନୁସନ୍ଧାନରୁ ଜଣାପଡିଛି ଯେ କୌଣସି ବି ସ୍ଥିତିରେ ଯଦି ବ୍ଲଡପ୍ରେସର କମ୍ ହୋଇଯାଏ, ତେବେ ଏକ ଗ୍ଲାସ ଅଙ୍ଗୁର ଜୁସ୍ ପିଇଲେ ଶୀଘ୍ର ଆରାମ ମିଳିବ। ଅଙ୍ଗୁର ରସରେ ମିଳୁଥିବା ପୋଟାସିୟମ୍ ରକ୍ତ କଣିକାକୁ ଆରାମ ଦେଇ ରକ୍ତଚାପ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ ।

ତରଳ ପଦାର୍ଥ: ରକ୍ତଚାପ ରୋଗୀମାନେ ଯେତେ ସମ୍ଭବ ସେତେ ତରଳ ଯୁକ୍ତ ଖାଦ୍ୟ ତଥା ପାଣି ପିଇବା ଉଚିତ। ଶରୀରରେ ପାଣିର ମାତ୍ରା କମ ହେବା ଫଳରେ ରକ୍ତ ଅଭାବ ଦେଖା ଦେଇଥାଏ। ତେଣୁ ହାଇଡ୍ରେଟେଡ୍ ରହିବା ଅତ୍ୟନ୍ତ ଜରୁରୀ। ଡାକ୍ତରମାନେ ଏପରି ରୋଗୀଙ୍କୁ ଦିନସାରା ଅତି କମରେ ଦୁଇ ଲିଟର ପାଣି ପିଇବାକୁ ପରାମର୍ଶ ଦିଅନ୍ତି। ପାଣି ବ୍ୟତୀତ ଆପଣ ଫଳ ରସ, ଲସି, ନଡିଆ ପାଣି, ଅଙ୍ଗୁର ଏବଂ ତରଭୁଜ ମଧ୍ୟ ଖାଇପାରିବେ।

ପନିର: ଅପଣଙ୍କୁ ପନିର ଖାଇବା ପସନ୍ଦ ଥାଉ କିମ୍ବା ନଥାଉ, ଯଦି ଲୋ ବ୍ଲଡପ୍ରେସର ଶିକାର ହୋଇଥାନ୍ତି ତେବ ଏହା ଖାଇବା ଦ୍ୱାରା ଆପଣଙ୍କୁ ବହୁତ କିଛି ସାହାଯ୍ୟ ମଳିବ। ଲୋ' ବିପିର ସମସ୍ୟା ଥିଲେ ଡାକ୍ତରମାନେ ଲୁଣ ଭଳି ପନିର ଖାଇବା ପାଇଁ ମଧ୍ୟ ପରାମର୍ଶ ଦେଇଥା'ନ୍ତି।

ଚିନି ଯୁକ୍ତ ଖାଦ୍ୟ: ଲୋ' ବ୍ଲଡ ପ୍ରେସର ଥିବା ରୋଗୀ ଚିନି ଯୁକ୍ତ ଖାଦ୍ୟ ପଦାର୍ଥ କିମ୍ବା କୋଲ୍ଡ ଡ୍ରିଙ୍କ ସେବନ କରିବା ଉଚିତ। ଯଦି ହଠାତ ରକ୍ତଚାପ କମି ଯାଉଛି ତେବେ ସେହ ସମୟରେ ଏଭଳ କିଛି ଖାଦ୍ୟ ଖାଇବା ଦ୍ୱାରା ଆରାମ ମିଳିଥାଏ। ଆପଣ ଚାହିଁଲେ କେଫିନ ଯୁକ୍ତ ଖାଦ୍ୟ ତଥା ଚା' କିମ୍ବା କଫି

ଏପରି ମନ୍ଦିର: ଏକ ସଙ୍ଗେ ଦେବୀ ଦର୍ଶନ କରିପାରିବେନି ସ୍ୱାମୀ ସ୍ତ୍ରୀ

ବିବାହ ପରେ ସ୍ୱାମୀ ସ୍ତ୍ରୀ ୭ ଜନ୍ମ ପାଇଁ ପରସ୍ପରର ହୋଇଯାନ୍ତି। ସୁଖଦୁଃଖ, ଭଲମନ୍ଦ, ଘାତ ପ୍ରତିଘାତ ଯାହା ବି ଆସିଲେ, ଏକ ସଙ୍ଗେ ତାହାର ମୁକାବିଲା କରିଥାନ୍ତି। ସ୍ୱାମୀ ସ୍ତ୍ରୀ ଏକ ସଙ୍ଗେ ମନ୍ଦିର ଗଲେ, ସେମାନଙ୍କ ବୈବାହିକ ଜୀବନ, ପାରିବାରିକ ଜୀବନ ସୁଖମୟ ହୋଇଥାଏ। ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ, ଦେବାଦେବୀଙ୍କ ପୂଜା ଏକ ସଙ୍ଗେ ୨ ଜଣ ନ କଲେ ଉକ୍ତ କାର୍ଯ୍ୟ ସଫଳ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି। କିନ୍ତୁ ଆଜି ଆମେ ଆପଣଙ୍କୁ ଏପରି ମନ୍ଦିର ବିଷୟରେ କହିବାକୁ ଯାଉଛୁ, ଯେଉଁଠାରେ ଦେବୀଙ୍କ ଦର୍ଶନ ଏକ ସଙ୍ଗେ କରି ପାରିବେନି ସ୍ୱାମୀସ୍ତ୍ରୀ। ଭୁଲରେ ବି ଏପରି କଲେ ଏଥିଲାଗି ସେମାନଙ୍କୁ ଭୋଗିବାକୁ ପଡ଼ିବ ଦଣ୍ଡ, ସମ୍ପର୍କରେ ଦେଖାଯିବ ଫାଟ। ଭାରତରେ ଏପରି ବହୁ ମନ୍ଦିର ଅଛି ଯାହାର ପରମ୍ପରା ସମ୍ପୂର୍ଣ୍ଣ ଭିନ୍ନ। କେଉଁଆଡେ ମନ୍ଦିରରେ ପ୍ରବେଶ ନିସିଦ୍ଧ ତ କେଉଁଠି ପୁରୁଷଙ୍କ ପ୍ରବେଶ ମନା। କିନ୍ତୁ ଆଜି ଏପରି ଏକ ମନ୍ଦିର ବିଷୟରେ ଆପଣଙ୍କୁ କହିବୁ, ଯେଉଁଠାରେ ସ୍ୱାମୀ ସ୍ତ୍ରୀ ଏକ ସଙ୍ଗେ ଦେବୀଙ୍କ ଦର୍ଶନ କରିବା ମନା। ଏହାର ରହସ୍ୟ ଭଗବାନ ଶିବଙ୍କ ସହ ଯୋଡ଼ି ହୋଇଛି।

ମା' ଦୁର୍ଗାଙ୍କ ଏହି ମନ୍ଦିର ଶିମଲାର ରାମପୁର ନାମକ ସହରରେ ରହିଛି । ଏଠାରେ ସ୍ୱାମୀସ୍ତ୍ରୀ ଏକ ସଙ୍ଗେ ପୂଜା କରିବା କିମ୍ବା ମା' ଦୁର୍ଗାଙ୍କ ଦର୍ଶନ କରିବା ମନା। ଏପରି ବାରଣ ସତ୍ତ୍ୱେ ଯଦି କୌଣସି ଦମ୍ପତି ଏକ ସଙ୍ଗେ ଦେବୀଙ୍କ ପ୍ରତିମାର ଦର୍ଶନ କରନ୍ତି, ତେବେ ସେମାନଙ୍କୁ ଏହାର ଦଣ୍ଡ ଭୋଗିବାକୁ ପଡେ ବୋଲି ବିଶ୍ୱାସ ରହିଛି। ଏହି ମନ୍ଦିର ଶ୍ରାୟି କୋଟି ମାତାଙ୍କ ମନ୍ଦିର ନାମରେ ପରିଚିତ। ଏହା ପୂର୍ବ ହିମାଚଳରେ ଏକ ପ୍ରସିଦ୍ଧ ମନ୍ଦିର ଅଟେ। ଏହି ମନ୍ଦିର ଭିତରକୁ ଏକ ସଙ୍ଗେ ଯିବାକୁ ଦମ୍ପତିଙ୍କ ଉପରେ ନାହିଁ କଟକଣା। ହେଲେ ମାତାଙ୍କ ଦର୍ଶନ କରିବାକୁ ଅଲଗା ଅଲଗା ଯିବା ନିୟମ ଏଠାରେ ପ୍ରଚଳିତ। ଏହା ପଛରେ ଏକ ଲୋକକଥା ରହିଛି।

ଥରେ ଭଗବାନ ଶିବ ନିଜ ୨ ପୁତ୍ର ଗଣେଶ ଓ କାର୍ତ୍ତିକଙ୍କୁ ବ୍ରହ୍ମାଣ୍ଡ ଘୂରି ଆସିବାକୁ କହିଲେ। କାର୍ତ୍ତିକ ନିଜ ବାହନ ଉପରେ ବସି ବ୍ରହ୍ମାଣ୍ଡ ବୁଲିବାକୁ ଚାଲିଗଲେ। କିନ୍ତୁ ଗଣେଶ ସେଠାରୁ ଗଲେ ନାହିଁ। ସେ ନିଜ ପିତାମାତାଙ୍କ ଚାରିପାଖରେ ବୁଲି ବ୍ରହ୍ମାଣ୍ଡ ଭ୍ରମଣ କରିଦେଲେ ବୋଲି କହିଲେ। କିନ୍ତୁ କାର୍ତ୍ତିକ ଯେବେ ବ୍ରହ୍ମାଣ୍ଡ ବୁଲିକି ଆସିଲେ, ସେ ଦେଖିଲେ ଗଣେଶଙ୍କ ବିବାହ ହୋଇ ସାରିଛି। ଏହାଦେଖି ସେ କ୍ରୋଧାନ୍ୱିତ ହୋଇଗଲେ। ପ୍ରତିଶୋଧପରାୟଣ ହୋଇ ବିବାହ ନ କରିବାକୁ ସଙ୍କଳ୍ପ ନେଲେ। କାର୍ତ୍ତିକଙ୍କ ଏହି ସଙ୍କଳ୍ପକୁ କିନ୍ତୁ ସହଜେ ଗ୍ରହଣ କରି ପାରିଲେନି ତାଙ୍କ ମାତା ପାର୍ବତୀ। ଫଳରେ ତାଙ୍କ ମୁହଁରୁ ବାହାରିଗଲା ଅଭିଶାପ। କହିଲେ ଯେଉଁ ଦମ୍ପତି ଏକ ସଙ୍ଗେ ଏହି ମନ୍ଦିରରେ ଦର୍ଶନ କରିବେ ସେ ପରସ୍ପରଠୁ ଅଲଗା ହୋଇଯିବେ। ସେବେଠାରୁ କୌଣସି ଦମ୍ପତି ଏକ ସଙ୍ଗେ ଏଠାରେ ପୂଜା କରନ୍ତି ନାହିଁ।

ବର୍ଗର ଏବେ ଅସ୍ୱାସ୍ଥ୍ୟକର

ଫାଷ୍ଟଫୁଡ୍ କେବେ ବି ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ । ଏହା ସଭିଏଁ ଜାଣନ୍ତି । ତଥାପି ମଧ୍ୟ ଏହାର ସ୍ୱାଦ ଅନେକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିଥାଏ । ନିକଟରେ ହୋଇଥିବା ଏକ ଗବେଷଣାରୁ ଜରାପଡ଼ିଛି, ଗତ ୩୦ ବର୍ଷ ମଧ୍ୟରେ ଫାଷ୍ଟ ଫୁଡ୍ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଘାତକ ହୋଇସାରିଛି । ଏହି ଗବେଷଣା ଆମେରିକାର ବୋଷ୍ଟନ୍ ୟୁନିଭର୍ସିଟିର ବୈଜ୍ଞାନିକମାନେ କରିଥିଲେ । ଏଥିରେ ୧୯୮୬ ରୁ ୨୦୧୬ ମଧ୍ୟରେ ଆମେରିକାର ପ୍ରସିଦ୍ଧ ଫାଷ୍ଟ ଫୁଡ୍ ଚେନରେ ମିଳୁଥିବା ଖାଦ୍ୟର ତୁଳନା କରାଯାଇଥିଲା । ନିଷ୍କର୍ଷ ଅତ୍ୟନ୍ତ ଭୟାନକ ଥିଲା । ବର୍ଗର, ପିଜା ଏବଂ ବାଓମିନ୍ ଭଳି ଫାଷ୍ଟ ଫୁଡରେ ଲୁଣର ମାତ୍ରା ବେଶ୍ କିଛି ମାତ୍ରାରେ ବଢ଼ିଛି । ୧୯୮୬ରେ ଯେଉଁଠି ୨୭.୮ ପ୍ରତିଶତ ଲୁଣର ବ୍ୟବହାର ହେଉଥିଲା ୨୦୧୬ରେ ତାହା ୪.୬ ପ୍ରତିଶତ ବୃଦ୍ଧି ପାଇ ୪୧.୬ ପ୍ରତିଶତ ହୋଇଛି । ଏହାର ଆକାର ଏବଂ କ୍ୟାଲେଣୀ କାଉଣ୍ଟ ମଧ୍ୟ ୨୪ ପ୍ରତିଶତ ବୃଦ୍ଧିପାଇଛି । ଅର୍ଥାତ୍ ପ୍ରତି ୧୦ବର୍ଷରେ ୧୩ଗ୍ରାମ ବଢ଼ିଛି । ଫ୍ରେଞ୍ଚ ଫ୍ରାଇଜ ଏବଂ ଟିସ୍ସ ଭଳି ସାଇଡ୍ ଡିଶ୍ ଭାବେ ସେବନ କରାଯାଉଥିବା ଫାଷ୍ଟ ଫୁଡରେ ଲୁଣ ୧୦୦ ପ୍ରତିଶତ ବୃଦ୍ଧି ହୋଇଛି । ଏହା ଦୈନିକ ଆବଶ୍ୟକତାଠୁ ୧୧.୬ ପ୍ରତିଶତ ଅଧିକ ଏହାର କ୍ୟାଲୋରୀ କାଉଣ୍ଟ ୨୪ ପ୍ରତିଶତ ବଢ଼ିଛି । ଏମିତିରେ ଗବେଷଣା କେବଳ ଆମେରିକାର ଫାଷ୍ଟଫୁଡକୁ ନେଇ ହୋଇଥିଲା । ଆମେରିକାରେ ଏବେ ୪୦ ପ୍ରତିଶତ ଲୋକ ମୋଟାପଣର ଶିକାର ।

ରାଗକୁ ନିୟନ୍ତ୍ରଣ କରିବେ କିପରି

ମନସ୍ତତ୍ତ୍ୱବିତ୍ ମତରେ ରାଗ ଉପରେ ନିୟନ୍ତ୍ରଣ ଆଣିବା ଏତେ ସହଜ କଥା ନୁହେଁ । ପରିସ୍ଥିତି ହିଁ ଅନେକ ସମୟରେ ବିବାଦ ଉପୁଜାଇବା କାରଣରୁ ମନରେ ରାଗ ଆସିଥାଏ । ରାଗିଲେ ଆମ ଶରୀରର ରକ୍ତଚାପ ବଢ଼ିବା ସହ ଅନ୍ୟାନ୍ୟ ଶାରୀରିକ ସମସ୍ୟା ମଧ୍ୟ ଉପୁଜିଥାଏ । ରାଗିଲେ ସାମ୍ନା ଲୋକର କିଛି ଅସୁବିଧା ହୋଇନଥାଏ, ବରଂ ନିଜର ହିଁ କ୍ଷତି ହୋଇଥାଏ । ଏକଥାକୁ ଲୋକଟି ନିଜେ ବୁଝିଯିବା ଦରକାର । ଯଦି କାହା ସହ ବଚସା ହୁଏ, ସେ କଥାକୁ ଅଧିକ ନବଢ଼ାଇ ସ୍ଥାନ ପରିତ୍ୟାଗ କରି ଅନ୍ୟତ୍ର ଯାନ୍ତୁ । ଏହା ସମସ୍ତଙ୍କ ପାଇଁ ଭଲ ହୋଇଥାଏ । ରାଗକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ, ପ୍ରତ୍ୟହ ୫-୧୦ ମିନିଟ୍ ଧ୍ୟାନ ଓ ପ୍ରାଣାୟମ କରିବା ଉଚିତ । ଏପରି କଲେ ନିଜ ଧା' ଶକ୍ତି ବଢ଼ିବା ସହ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ । ପ୍ରତ୍ୟେକ ବୟସ ତଥା ବର୍ଗର ବ୍ୟକ୍ତି ଅଧିକ ସମୟ ବହି ପଢ଼ାପଢ଼ି ଅବା ସଙ୍ଗୀତ ଶୁଣିବାରେ କାଟନ୍ତୁ ।



ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

କର୍ମନିଯୁକ୍ତି...

କର୍ମନିଯୁକ୍ତି, ବିଶେଷକରି ଶିକ୍ଷିତ ଯୁବକ ଯୁବତୀମାନଙ୍କ ନିମନ୍ତେ ଚାକିରି ହେଉଛି ଆମ ଦେଶ ସାମନା କରୁଥିବା ପ୍ରମୁଖ ସମସ୍ୟାଗୁଡ଼ିକ ମଧ୍ୟରୁ ଗୋଟିଏ । ଯଦି ଜଣେ ବ୍ୟକ୍ତି ଚାକିରି କରୁଛି ଏବଂ ଟଙ୍କା ରୋଜଗାର କରୁଛି, ଦୁଇ ଓଳି ପେଟପୂରା ଖାଇବାକୁ ପାଉଛି ଓ ଶାନ୍ତିରେ ବାସଗୃହଟିଏରେ ବାସ କରୁଛି, ତା'ହେଲେ ତାର ଖାଦ୍ୟ ଏବଂ ବାସଗୃହ ଭଳି ମୌଳିକ ଆବଶ୍ୟକତାଗୁଡ଼ିକ ପୂରଣ ହେଉଛି ବୋଲି କୁହାଯାଇପାରିବ । କିନ୍ତୁ ଏସବୁ ଖୁବ୍ ଅଳ୍ପ ସଂଖ୍ୟକ ଲୋକଙ୍କ ଭାଗ୍ୟରେ ଜୁଟୁଛି । ଏପରି କାହିଁକି, ଅର୍ଥାତ କାହିଁକି ଅଧିକ ସଂଖ୍ୟ ଲୋକ ଚାକିରିଟିଏ ପାଇବାରେ ବିଫଳ ହେଉଛନ୍ତି ? ଭାରତୀୟ ପିତାମାତା ବା ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ କହିଥାନ୍ତି ଯେ ସେମାନେ ଯଦି କଠିନ ପରିଶ୍ରମ କରନ୍ତି, ଭଲ ପାଠ ପଢ଼ନ୍ତି, ତେବେ ସେମାନେ ଭଲ ଚାକିରିଟିଏ ପାଇଯିବେ, ଆରାମରେ ଜୀବନ ଅତିବାହିତ କରିପାରିବେ । ପିଲାମାନେ ବି ସେମାନଙ୍କ କଥା ମାନି କଠିନ ପରିଶ୍ରମ କରନ୍ତି । କିନ୍ତୁ ତା'ସତ୍ତ୍ୱେ ଆମ ଦେଶରେ ବେକାରୀ ହାର ବୃଦ୍ଧି ପାଇ ଚାଲୁଛି । କାରଣ, ଦୋଷ ପିଲାମାନଙ୍କଠାରେ ଯେତିକି ନାହିଁ, ତା'ଠୁ ବେଶୀ ରହିଛି ଆମର ଶିକ୍ଷା ବ୍ୟବସ୍ଥାରେ । ଯେହେତୁ ଭାରତର ୬୫ ପ୍ରତିଶତ ଯୁବ କର୍ମ କାମ କରିବାର ବୟସ ଭିତରେ ରହିଛନ୍ତି, ତେଣୁ ଦେଶ ଏବେ ଯୁବ ବର୍ଗଙ୍କ ଦେଶ ଭାବରେ ବିଶ୍ୱରେ ପରିଗଣିତ । ଦେଶର ସ୍କୁଲ କଲେଜଗୁଡ଼ିକରେ ପଢୁଥିବା ପିଲାମାନଙ୍କ ପରୀକ୍ଷା ଫଳ ମଧ୍ୟ ଉତ୍ସାହଜନକ । କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ସେମାନଙ୍କର କର୍ମନିଯୁକ୍ତି । ବର୍ଷକୁ ଲକ୍ଷ ଲକ୍ଷ ଗ୍ରାଜୁଏଟ୍ ବାହାରୁଛନ୍ତି, ପରନ୍ତୁ ସେମାନଙ୍କର କର୍ମନିଯୁକ୍ତିଯୋଗ୍ୟ ଦକ୍ଷତାକୁ ନେଇ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଉଦ୍ୟୋଗଗୁଡ଼ିକ ନିରାଶ ହେଉଛନ୍ତି । ୨୦୧୫ର ତଥ୍ୟ ଅନୁସାରେ ଖାଲି ପଢ଼ିଥିବା ପଦଗୁଡ଼ିକ ତେଣୁ ଭାରତରେ ୫୮ ପ୍ରତିଶତ ଥିଲା, ଯାହା ବିଶ୍ୱର ସ୍ଥିତି ୩୮ ପ୍ରତିଶତଠାରୁ ଯଥେଷ୍ଟ ଅଧିକ । ଚ୍ୟାମ୍ବର ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି ଦ୍ୱାରା ପ୍ରକାଶିତ ୨୦୨୧ର ଭାରତ ଦକ୍ଷତା ରିପୋର୍ଟ ଅନୁସାରେ ଦେଶର ମାତ୍ର ୪୨.୭୨ ପ୍ରତିଶତ କଳା ବା ଆର୍ଟସ କ୍ଷେତ୍ରରେ ଅଧ୍ୟୟନ କରୁଥିବା ଗ୍ରାଜୁଏଟ୍, ୪୦.୩୦ ପ୍ରତିଶତ ବାଣିଜ୍ୟ ବା କମର୍ସ ଗ୍ରାଜୁଏଟ୍ ଏବଂ ୩୦.୩୪ ପ୍ରତିଶତ ବିଜ୍ଞାନ ବା ସାଇନ୍ସ ଗ୍ରାଜୁଏଟ୍ କର୍ମନିଯୁକ୍ତିଯୋଗ୍ୟ । ଲିଙ୍ଗ ଭିତ୍ତିରେ ଏହି ବିଭାଜନକୁ ଦେଖିଲେ ୪୧.୨୫ ପ୍ରତିଶତ ମହିଳା କର୍ମନିଯୁକ୍ତିଯୋଗ୍ୟ ବିବେଚିତ ହୋଇଥିବାବେଳେ ପୁରୁଷମାନଙ୍କ ସଂଖ୍ୟା ଥିଲା ୩୮.୯୧ ପ୍ରତିଶତ । କର୍ମନିଯୁକ୍ତି ଯୋଗ୍ୟତା ସମ୍ପର୍କରେ କରାଯାଇଥିବା ବେଶ୍ କେତେକ ସର୍ଭେରୁ ଜାଣିବାକୁ ମିଳିଛି ଯେ ଗ୍ରାଜୁଏଟମାନଙ୍କ ନିକଟରେ ଚାକିରି ପାଇଁ ଆବଶ୍ୟକ ବୈଷୟିକ ଦକ୍ଷତା ସହିତ ଭାବ ବିନିମୟ ଏବଂ ଭାଷାଗତ ଦକ୍ଷତାର ଅଭାବ ରହିଛି । ବ୍ୟବସାୟ ଏବଂ ଉଦ୍ୟୋଗ କ୍ଷେତ୍ର ବୈଜ୍ଞାନିକ ଏବଂ ଶୈକ୍ଷିକ ଜ୍ଞାନକୁ ପାରଦର୍ଶୀ କରିବା ନିମନ୍ତେ କାର୍ମିକ ବିଶେଷଜ୍ଞତାକୁ ପସନ୍ଦ କରିଥାନ୍ତି । ଜାତୀୟ ଶିକ୍ଷା ନୀତି, ୨୦୨୦ର ପ୍ରସ୍ତୁତକର୍ତ୍ତାମାନେ ଏହି ମୌଳିକ ବାସ୍ତବତା ସମ୍ପର୍କରେ ସଚେତନ ଥିଲେ । ମୁଖ୍ୟସ୍ରୋତର ପାଠ୍ୟକ୍ରମଗୁଡ଼ିକରେ ସ୍ୱଳ୍ପ କର୍ମନିଯୁକ୍ତି ଯୋଗ୍ୟତାର ପ୍ରମୁଖ କାରଣ ହେଉଛି ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଦୁର୍ବଳ ମାନର ପାଠପଢ଼ା । ୨୦୧୯-୨୦ର ଏଆଇଏସ୍ଏଚ୍ଇ ରିପୋର୍ଟ ଅନୁସାରେ ମୁଖ୍ୟସ୍ରୋତର ଗ୍ରାଜୁଏଟ୍ ପାଠ୍ୟକ୍ରମଗୁଡ଼ିକରେ ଅଧ୍ୟୟନ ଜାରି ରଖିଥିବା ୭୯.୪୧ ପ୍ରତିଶତ ବିଦ୍ୟାର୍ଥୀ ଘରୋଇ ଆଫିଲିଏଟେଡ୍ କଲେଜଗୁଡ଼ିକରେ ନାମ ଲେଖାଇଥିଲେ, ଯେଉଁଗୁଡ଼ିକ କଦାଚିତ୍ ଶିକ୍ଷାଦାନ ଓ ଶିକ୍ଷା ଗ୍ରହଣର ଗୁଣାତ୍ମକ ମାନଦଣ୍ଡକୁ ଅନୁସରଣ କରିଥାନ୍ତି । ଏଭଳି ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନୁବନ୍ଧନ ପ୍ରଦାନ କରିଥିବା ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ବା ରାଜ୍ୟ ସରକାରମାନେ ଉପଯୁକ୍ତ ଭାବରେ ନିୟନ୍ତ୍ରିତ କରିନଥାନ୍ତି । ସେହିପରି ପାଠ୍ୟକ୍ରମଗୁଡ଼ିକ ମଧ୍ୟ ପୁରୁଣାକାଳିଆ ହୋଇଥିବା ସହିତ ସେଗୁଡ଼ିକର ଶିକ୍ଷାଦାନ କରାଯିବାର ପ୍ରଣାଳୀ ସମୟୋପଯୋଗୀ ହେଉନାହିଁ, ଯେଉଁଥିପାଇଁ ଶିକ୍ଷା ସମାପ୍ତି ପରେ ବିଦ୍ୟାର୍ଥୀମାନେ ନିଜକୁ ପରିବର୍ତ୍ତିତ ସମୟ ପାଇଁ ଯୋଗ୍ୟ ସାବ୍ୟସ୍ତ କରିବାରେ ଅସମର୍ଥ ହେଉଛନ୍ତି । ବସ୍ତୁତଃ, କର୍ମନିଯୁକ୍ତି-ଅଭିମୁଖ୍ୟ ପାଠ୍ୟକ୍ରମଗୁଡ଼ିକ ପ୍ରଚଳନକରି ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଦାନ କରିବା ହେଉଛି ବେକାରୀ ସମସ୍ୟା ସମାଧାନର ସର୍ବଶ୍ରେଷ୍ଠ ପନ୍ଥା । ତେବେ, ଆମ ସମାଜର ମୌଳିକ ମାନସିକତା ଅନୁସାରେ ଧନ୍ଦାମୂଳକ ଶିକ୍ଷା ନିମ୍ନ ସ୍ତରରେ ରହୁଥିବାବେଳେ ଶୈକ୍ଷିକକ ଗ୍ରାଜୁଏଟ୍‌ଟିଏ ଉଚ୍ଚ ସ୍ଥାନରେ ରହିଥାଏ । ଏଭଳି ପରିସ୍ଥିତିରେ ତେଣୁ ସାଧାରଣ ଶିକ୍ଷା ସହିତ ଧନ୍ଦାମୂଳକ ଶିକ୍ଷାର ଏକତ୍ରିକରଣ ଅର୍ଥାତ ଦୁଇଟିଯାକ ଶିକ୍ଷାକୁ ମିଶାଇ ପିଲାମାନଙ୍କୁ ଶିକ୍ଷିତ କରାଯିବାର ଆବଶ୍ୟକତା ରହିଛି । ରାଷ୍ଟ୍ରୀୟ ଶିକ୍ଷାନୀତି, ୨୦୨୦ ସମାଜର ଉପରୋକ୍ତ ମାନସିକତାକୁ ଦୂର କରିବା ନିମନ୍ତେତ ଉଦ୍ୟମ କରିଛି । ସମୟ ଉପଗତ ହୋଇଛି, ଗ୍ରାଜୁଏଟ୍ ପାଠ୍ୟକ୍ରମ ସ୍ତରରେ ଧନ୍ଦାମୂଳକ ଶିକ୍ଷାକୁ ସମ୍ମିଶ୍ରିତ କରି ବିଦ୍ୟାର୍ଥୀମାନଙ୍କୁ ଚାକିରି ପାଇବାଯୋଗ୍ୟ କରାଯିବା ଉଚିତ୍ । ଏଥିପାଇଁ ପ୍ରତ୍ୟେକ ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ସେମାନଙ୍କ ପରିସର ମଧ୍ୟରେ ବି ଭୋକ୍ ପାଠ୍ୟକ୍ରମଗୁଡ଼ିକ ଖୋଲିବା ଉପରେ ଧ୍ୟାନ ଦେଇପାରନ୍ତି, ଯାହା ବିଦ୍ୟାର୍ଥୀମାନଙ୍କୁ କୁଶଳୀ, ପୁନଃକୁଶଳୀ ଏବଂ ଉନ୍ନତ-କୁଶଳୀ କରିବାର ଲକ୍ଷ୍ୟ ବହନ କରୁଥିବ ।

ମହାନ୍ ସ୍ୱାଧିନତା ସଂଗ୍ରାମୀ ବିର୍ସା ମୁଣ୍ଡା

ବିଶ୍ୱବିଜୟୀ ଦାଶ

କୀର୍ତ୍ତିମନ୍ତ ଜୀଇଁ ରହେ ଅନନ୍ତ କାଳର କଳାର କାଳିମାକୁ ଭେଦକରି କାଳଜୟୀ ଭାବରେ ସେମିତି ଜୀଇଁଛନ୍ତି କୀର୍ତ୍ତିସ୍ଥାନ ମହାନ୍ ସ୍ୱାଧିନତା ସଂଗ୍ରାମୀ ବିର୍ସା ମୁଣ୍ଡା ।

ଭାରତର ସ୍ୱାଧୀନତା ସଂଗ୍ରାମରେ ଆତ୍ମବଳି ଦେଇଥିବା କେତେଜଣ ପୁଣ୍ୟାତ୍ମାଙ୍କ ଭିତରେ ଓଡ଼ିଶାର ବିର୍ସା ମୁଣ୍ଡା ଅନ୍ୟତମ । ୧୮୭୫ ମସିହାରେ ନଭେମ୍ବର ମାସ ୧୫ ତାରିଖରେ ବିର୍ସା ଅଧୁନା ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚି ଜିଲ୍ଲା ଖୁଣ୍ଟି ସବ୍-ଡିଭିଜନ୍ ଅନ୍ତର୍ଗତ 'ବାମ୍ବା' ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ସୁଗନା ମୁଣ୍ଡା ଓ ମାତାଙ୍କ ନାମ ଥିଲା କରମୀ ମୁଣ୍ଡା । ବିର୍ସା ମୁଣ୍ଡାଙ୍କର ବାଲ୍ୟ ଶିକ୍ଷା ସାଲଗାଠାରେ ଆରମ୍ଭ ହୋଇଥିଲା । ସେଠାରେ ତାଙ୍କର ଜଇପାଲ ନାଗଙ୍କ ସହ ସାକ୍ଷ୍ୟାତ ହୋଇଥିଲା । ସେ ତାଙ୍କଠାରୁ ମହାନ ଗ୍ରନ୍ଥ ରାମାୟଣ ଓ ମହାଭାରତର ବିଷୟବସ୍ତୁ ସଂପର୍କରେ ଅବଗତ ହୋଇଥିଲେ ।

ଏହାପରେ ସେ ବୁରୁଜ ପ୍ରାଇମେରୀ ସ୍କୁଲରେ ଅଧ୍ୟୟନ କରିବା ସହିତ ଚାଇଁବସାର ମିଶନ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷା ଲାଭ କରିଥିଲେ । ଏହି ସମୟରେ ସେ ଜର୍ମାନୀ ଶିକ୍ଷକ ଫାଦର୍ ଡେଡଲକ୍ ଓ ଫାଦର୍ ନୋଟ୍ରୋଟଙ୍କ ସଂସ୍ପର୍ଶରେ ଆସିଥିଲେ । ସରଳ ବିଶ୍ୱାସୀ ଆଦିବାସୀ ଭାଇଭଉଣୀମାନଙ୍କ ଉପରେ ଗୋରା ଶାସକମାନଙ୍କ ଅତ୍ୟାଚାର ଓ ଅମାନୁଷିକ ବ୍ୟବହାର ତାଙ୍କୁ ବିଶେଷ ଭାବେ ମର୍ମାହତ କରିଥିଲା । ଗୋରା ଶାସକମାନେ ସେବକ ପଟ୍ଟା ଲେଖାଇ ସରଳ ଗ୍ରାମବାସୀମାନଙ୍କୁ ଗୋଡି ଓ ବେଠି ଖଟାଇବା ଓ ଧର୍ମାନ୍ତରଣ କରିବାପଇଁ ବାଧ୍ୟ କରୁଥିବାର ଦେଖି ସେ ସହି ପାରୁ ନ ଥିଲେ । ଚାଇଁବସା ମିଶନ୍ ସ୍କୁଲରେ ପାଠ ପଢୁଥିଲାବେଳେ ଗୋରା ପ୍ରଧାନ ଶିକ୍ଷକ ଆକ୍ରୋଶ ମୂଳକ ଭାବେ ବିର୍ସାଙ୍କୁ ଅମାନୁଷିକ ଭାବେ ଚାବୁକରେ ମାଡ଼ ମାରିଥିଲେ ଓ ସ୍କୁଲରୁ ବହିଷ୍କାର କରି ଦେଇଥିଲେ । ସେହି ଦିନ ଠାରୁ ପାଠପଢାରେ ପୂର୍ଣ୍ଣଚ୍ଛେଦ ପକାଇ ସେ ଫିରିଙ୍ଗି ଶାସନ କବଳରୁ ଓଡ଼ିଶାରୁ ମୁକ୍ତ କରିବାପାଇଁ ଅଣ୍ଟାଭିଡ଼ି ବାହାରି ପଡ଼ିଥିଲେ । ବଣେଇ, ଗୁରୁଣ୍ଡିଆ, କଳିପଶ ଆଦି ଗ୍ରାମର କୋହ୍ଲ, ଖତିଆର, ମୁଣ୍ଡା ଓ କିଷାନ୍ ଆଦିବାସୀମାନଙ୍କୁ ସେ ବ୍ରିଟିଶ୍ ଅତ୍ୟାଚାର ବିଷୟରେ ସଚେତନ କରିଥିଲେ । ସେବକପଟ୍ଟା ନ ଲେଖିବା, ଖଜଣା ନ ଦେବା ଓ ବନ୍ଧୁକ ମୁନକୁ ଡରି ଧର୍ମତ୍ୟାଗ ନ କରିବାକୁ ସେ ପ୍ରଚାର କରୁଥିଲେ । ତାଙ୍କ ନେତୃତ୍ୱରେ ଆଦିବାସୀମାନେ ଏକତ୍ରିତ ହୋଇ ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର ବିପ୍ଳବ କରିବାପାଇଁ ଆଗଭର ହେବାର ଦେଖି ଇଂରେଜ ଶାସକ ପ୍ରମାଦ ଗଣିଲେ । ୧୮୯୫ ମସିହା ଅଗଷ୍ଟ ୧୬ ଦିନ ପୋଲିସ୍ ଏସ୍.ପି. ମେୟରସ୍ ବିର୍ସା ଓ ତାଙ୍କର ୧୫ ଜଣ ସାଥିଙ୍କୁ ଗିରଫ କରିଥିଲେ । ଦେଶଦ୍ରୋହ ଅପରାଧରେ ତାଙ୍କୁ ଦୁଇବର୍ଷ କାରାଦଣ୍ଡ ଦିଆଗଲା । ଏଥିପାଇଁ ତାଙ୍କୁ ରାଞ୍ଚି ଜେଲ୍‌କୁ ପଠାଇ ଦିଆଗଲା । ମହାରାଣୀ ଭିକ୍ଟୋରିଆଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଅନେକ କଏଦୀମାନଙ୍କୁ ମୁକ୍ତ କରି ଦିଆ ଯାଇଥିଲା । ଏମିତିରେ ବିର୍ସା ଓ ତାଙ୍କର ସହକର୍ମୀମାନେ ମଧ୍ୟ ମୁକ୍ତି ପାଇ ଯାଇଥିଲେ । ତାଙ୍କ ଆହ୍ୱାନରେ ଶହଶହ ଯୁବକ ନିଜ ମାତୃଭୂମିକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବାପାଇଁ ଶପଥ ନେଲେ । ସେମାନେ ୧୮୯୯ ମସିହା ଡିସେମ୍ବର ୯ ତାରିଖ ଦିନ ନିଆଁହୁଳା, ଧନୁ ତୀର ଓ ବର୍ଚ୍ଛା ଧରି ଗୋରାମାନଙ୍କର ବାସଭବନ ଓ ଅଫିସ୍‌ରେ ନିଆଁ ଲଗାଇଦେଲେ । ସେମାନେ ସିଂହଭୂମି ଜିଲ୍ଲାର ପୋରହାଟରେ ଅଗ୍ନିକାଣ୍ଡ ଘଟାଇଥିଲେ । ରାଞ୍ଚି ବିଚାରାଳୟ ଆକ୍ରମଣ କରୁଥିବା ସମୟରେ ସେମାନଙ୍କ ଭିତରୁ ୧୨ଜଣ ଶହୀଦ ହୋଇଥିଲେ । ବ୍ରିଟିଶ୍ ସରକାର ବିର୍ସାଙ୍କୁ ଧରାଇଦେଲେ ପାଞ୍ଚଶହ ଟଙ୍କା ପୁରସ୍କାର ମିଳିବ ବୋଲି ଘୋଷଣା କରିଥିଲେ । ତାଙ୍କର ସନ୍ଧାନ ନେବାପାଇଁ କନେଷ୍ଟବଳ ବୁଡୁରାମ ଓ ଜୟରାମଙ୍କୁ ଏଟିକେଡ଼ି ଗ୍ରାମକୁ ପଠାଗଲା । ବିର୍ସାଙ୍କର ମୁଖ୍ୟ ସହକର୍ମୀ ଗୟା ମୁଣ୍ଡା ଅନ୍ୟ ଗ୍ରାମବାସୀଙ୍କ ସହାୟତାରେ ୧୯୦୦ ମସିହା ଜାନୁଆରୀ ୧୫ ତାରିଖରେ ଏଇ କନେଷ୍ଟବଳଦ୍ୱୟଙ୍କୁ ହତ୍ୟା କରିଥିଲେ । ଏହାର ପ୍ରତିଶୋଧ ନେଇ ମିଃ ଷ୍ଟ୍ରିଟ୍ ଫିଲ୍ଡ ସଶସ୍ତ୍ର ପୋଲିସ୍ ବାହିନୀ ସହାୟତାରେ ଗୟା ମୁଣ୍ଡାଙ୍କୁ ଗିରଫ କରିବା ସମୟରେ ସେମାନଙ୍କ ଭୀଷଣ ଅସ୍ତ୍ରାଘାତରେ ସେ ମୃତ୍ୟୁ ବରଣ କରିଥିଲେ । ଏହା ପରେ ବିର୍ସାଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଦମନଲୀଳାର ମୁଖ୍ୟକେନ୍ଦ୍ର ଖୁଣ୍ଟିଥାନାକୁ ନିଆଁ ଲଗାଇଦେଲେ, କନେଷ୍ଟବଳ ରଘୁରାମକୁ ହତ୍ୟାକଲେ ଓ ଅନ୍ୟ ପୁଲିସ୍‌ମାନଙ୍କୁ ଥାନା ଛାଡ଼ି ଚାଲିଯିବାକୁ ଧମକ ଦେଲେ । ଏହାର ପ୍ରତ୍ୟୁତ୍ତରରେ ୩୦୦ ଫୁଟ ଉଚ୍ଚା ଡୋମ୍ବରି ପାହାଡ଼, ଯେଉଁଠି ବିର୍ସା ଓ ତାଙ୍କ ସହକର୍ମୀ ନରସିଂହ ଅନ୍ୟ ସଂଗ୍ରାମୀମାନଙ୍କୁ ଉଦ୍‌ବୋଧନ ଦେଉଥିଲେ, ତାକୁ ଘେରିଗଲେ ଓ ଆତ୍ମସମର୍ପଣ କରିବାପାଇଁ ଘୋଷଣା କଲେ । ବିଦ୍ରୋହୀମାନେ ଏଥିରେ ରାଜି ନ ହୋଇ ପାହାଡ଼ ଉପରୁ ଧନୁତୀର, ବର୍ଚ୍ଛା ଓ ପଥରଦ୍ୱାରା ଇଂରେଜମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଦେଲେ । ଫଳତଃ ଇଂରେଜମାନଙ୍କ ତରଫରୁ ଗୁଳିଗୋଳା ମାଡ଼ରେ ନରସିଂହ ମୁଣ୍ଡାଙ୍କ ସମେତ ଦୁଇଶହ ବିଦ୍ରୋହୀ ଶହୀଦ୍ ହୋଇ ଯାଇଥିଲେ । ବିର୍ସା ଅଳ୍ପକେ ବଞ୍ଚିଯାଇ ଆତ୍ମ ଗୋପନପାଇଁ ଚକ୍ରଧରପୁର ଜଙ୍ଗଲକୁ ଚାଲିଗଲେ । ସରକାର ବିର୍ସାଙ୍କ ସନ୍ଧାନ ନ ପାଇବାରୁ ମୁଣ୍ଡାମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର କଲେ ଓ ସେମାନଙ୍କ ଘରେ ନିଆଁ ଲଗାଇଦେଲେ । ଏଥିରୁ ସେମାନଙ୍କୁ ରକ୍ଷା କରିବାପାଇଁ ତାଙ୍କ ସହକର୍ମୀ ଡେନକା ମୁଣ୍ଡା ଓ ମାଝିଆ ମୁଣ୍ଡା ସରକାରଙ୍କ ପାଖରେ ଆତ୍ମସମର୍ପଣ କଲେ, ଯେଉଁମାନଙ୍କୁ ପରବର୍ତ୍ତୀ ସମୟରେ ଦେଶରୁ ନିର୍ବାସିତ କରି ଦିଆଯାଇଥିଲା ।

ତଥାପି ଦେଶପ୍ରେମୀ ବିର୍ସାଙ୍କ ମନରେ ସ୍ୱାଧୀନତାର ଆଶା ମଉଳି ନ ଥିଲା । ସଂଗ୍ରାମକୁ ନୂଆରୂପ ଦେବାପାଇଁ ସେ ଓଡ଼ିଶା ଛାଡ଼ି ସିଂହଭୂମି ଜିଲ୍ଲାକୁ ଚାଲି ଯାଇଥିଲେ । ବିଶ୍ୱାସଘାତକ ଶଶୀଭୂଷଣ ରାୟ ଓ ମାଝିତା ମାରିଆ ୫୦୦ ଟଙ୍କା ଲୋଭରେ ବିର୍ସା ସେନ୍ତେରା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଲୁଚିରହିଥିବାର ଖବର ଇଂରେଜ ସରକାରକୁ ଜଣାଇ ଦେଲେ । ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ତାଙ୍କୁ ଗିରଫକରି ରାଞ୍ଚି ଜେଲ୍‌କୁ ନିଆଗଲା । ଏହାଦେଖି ଶହ ଶହ ଅନୁଗାମୀ ତାଙ୍କ ସହ ଜେଲ୍ ଯିବାକୁ ବାହାରି ପଡ଼ିଲେ ।



ତେଣୁ ସୁରକ୍ଷା କାରଣରୁ ତାଙ୍କୁ ହଜାରିବାଗ ଜେଲ୍‌କୁ ସ୍ଥାନାନ୍ତରିତ କରାଗଲା । କିନ୍ତୁ ତାଙ୍କର ସ୍ୱାସ୍ଥ୍ୟ ଠିକ୍ ରହୁ ନ ଥିବା କାରଣରୁ ତାଙ୍କୁ ପୁଣି ରାଞ୍ଚି ଜେଲ୍‌କୁ ଅଣାଗଲା । ତାଙ୍କ ପାଦରେ କଡ଼ା ପିନ୍ଧାଇ ଦିଆଯାଇଥିଲା, ଅନେକ ପ୍ରକାରର ନିର୍ଯ୍ୟାତନା ଦିଆଯାଉଥିଲା ଓ ତାଙ୍କ ଖାଦ୍ୟରେ ବିଷ ମିଶାଇ ଦିଆ ଯାଇଥିଲା । ଏସବୁର ମୂକସାକ୍ଷୀ ଥିଲେ ଜେଲ୍‌ର ଡାକ୍ତର ଅମୂଲ୍ୟ ଓ ମେହେନ୍ତର ଶିବନା । ତାଙ୍କ ଅପରାଧର ବିଚାରପାଇଁ ତାଙ୍କୁ ବିଚାରାଳୟକୁ ନିଆଯାଇଥିଲା । ଇଂରେଜମାନଙ୍କ ଭୟରେ ସେଠାରେ କେହି ତାଙ୍କ ସପକ୍ଷରେ ସାକ୍ଷ୍ୟ ଦେଇ ନ ଥିଲେ । ବିଚାରାଳୟ କୋଠରୀରେ ବିର୍ସା ପ୍ରଳାପ କରୁଥିବାର ଦେଖି ବିଚାରପତି ବିଚାରକୁ ସ୍ଥଗିତ ରଖି ତାଙ୍କୁ ପୁନଃ ଜେଲ୍‌କୁ ପଠାଇଦେଲେ । ମାତ୍ର ପଚିଶ ବର୍ଷ ବୟସ୍କ ବିଦ୍ରୋହୀ ବିର୍ସା ରାଞ୍ଚି ଜେଲ୍‌ରେ କଳବଳ ହୋଇ ୧୯୦୦ ମସିହା ଜୁନ୍ ୯ ତାରିଖ ଦିନ ଶେଷ ନିଃଶ୍ୱାସ ତ୍ୟାଗକଲେ ।ବିର୍ସା ମୁଣ୍ଡା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଅଗ୍ରଗଣ୍ୟ ସଂଗ୍ରାମୀ ଯାହାଙ୍କର ସାହସ ଓ ବଳିଦାନ ହଜାର ହଜାର ଭାରତୀୟଙ୍କୁ ଅନୁପ୍ରାଣିତ କରିଥିଲା । ଜନଜାତି ଜନନାୟକ ତଥା ମହାନ୍ ସ୍ୱତନ୍ତ୍ରତା ସେନାନୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ୧୫ ନଭେମ୍ବର ରୁ ୨୨ ନଭେମ୍ବର ପର୍ଯ୍ୟନ୍ତ 'ଜନଜାତୀୟ ଗୌରବ ଦିବସ' ଭାବରେ ପାଳନ କରାଯିବ ବୋଲି ଗତ ବର୍ଷ କେନ୍ଦ୍ର କ୍ୟାବିନେଟ ନିଷ୍ପତି ନେଇଥିଲେ ।ଚଳିତ ବର୍ଷ ମଧ୍ୟ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ୧୫ ନଭେମ୍ବର ରୁ ୨୨ ନଭେମ୍ବର ପର୍ଯ୍ୟନ୍ତ ଜନଜାତୀୟ ଗୌରବ ଦିବସ ସମାରୋହର ନେତୃତ୍ୱ ନେବେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ବୋଲି କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଶ୍ରୀ ଅର୍ଜୁନ ମୁଣ୍ଡା କହିସାରିଛନ୍ତି । ଏହି ଦିବସ ଉପଲକ୍ଷେ ୧୫ରୁ ନଭେମ୍ବର ୨୨ ପର୍ଯ୍ୟନ୍ତ ବ୍ୟାପକ ସଂଖ୍ୟାରେ ଜାତୀୟ ଓ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଓଡ଼ିଶା ସମେତ ଦେଶର ଜନଜାତି ସଂପ୍ରଦାୟଙ୍କ ପୂର୍ବ ବୀରଗାଥା ଏବଂ ଗୌରବମୟ ଇତିହାସକୁ ଉଜ୍ଜିବୀତ କରିବା ସଙ୍ଗେସଙ୍ଗେ ସେମାନଙ୍କ ସଂସ୍କୃତି, ପରମ୍ପରା ସାରା ଭାରତବର୍ଷରେ ଆଦୃତ ହୋଇପାରିବ । ସେହି ମହାନ୍ ସ୍ୱାଧିନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜନ୍ମଜୟନ୍ତୀ ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ ।

+ଯୁବ ସ୍ତମ୍ଭକାର
ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮

ବିପଦରେ ନାବାଳିକା ଓ ନାରୀ

ଚନ୍ଦ୍ରଶେଖର ମହାନ୍ତି

ସରକାରୀ ପରିସଂଖ୍ୟାନ କହୁଛି ଯେ ୨୦୧୭ରୁ ୨୦୨୧ ମଧ୍ୟରେ ରାଜ୍ୟରେ ୧୧ ହଜାର ୨୭୮ ଜଣ ବାଳିକା ନିଖୋଜ ହୋଇଯାଇଥିଲେ । ସେମାନଙ୍କ ମଧ୍ୟରୁ ୯୨୦୭ ଜଣଙ୍କୁ ପୁଲିସ ଖୋଜି ପାଇଛନ୍ତି । ଏହି ସମୟ ମଧ୍ୟରେ ୨୧୧୦ ଜଣ ବାଳକ ବି ନିଖୋଜ ହୋଇଯାଇଥିବା ନେଇ ପୁଲିସରେ ଅଭିଯୋଗ ଦରଜ ହୋଇଥିଲା । ସେମାନଙ୍କ ମଧ୍ୟରୁ ୧୭୭୬ ଜଣ ମିଳିଛନ୍ତି । ମହିଳା ନିଖୋଜ ସଂଖ୍ୟା ଯଥେଷ୍ଟ ଅଧିକ । ୪୦ ହଜାର ୫

କବିତାମାଳା

୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୧୫ ନଭେମ୍ବର, ମଙ୍ଗଳବାର, ୨୦୨୨

ଦୁର୍ଲ୍ଲଭ ନିର୍ବାଣ
ଭରତ ଚନ୍ଦ୍ର ଦାଶ



ଦେବାଶିଷ
ତୁମକୁ ଅନ୍ତିମ ବିଦାୟ
ଦେବୁ ବା କେମିତି
ତୁମେ ତ ସମସ୍ତଙ୍କ
ଅନ୍ତରରେ ଅଛ
ଏମିତି ଜାବୁଡ଼ି ଧରିଛ ଯେ
ନା ଛାଡି ପାରୁବି ନା
ଛଡେଇ ପାରିବୁ ହାତ ।

ଏମିତି ଅସମୟରେ
ବାହୁଡିବାର ଉଦ୍ଦେଶ୍ୟ କ'ଣ
ସେ ଅନ୍ତର୍ଯ୍ୟାମୀ
ତୁମ ଆମ ଅନ୍ତର କଥା
ଜାଣନ୍ତି
ହେଲେ ଏମିତି
ଅନ୍ତର କରିବା ନା
ସହି ହେଉଛି ନା
କହି ହେଉଛି ଅସରନ୍ତି
ଦୁଃଖର ଇସ୍ତାହାର ।

ବାଉନଟି ବସନ୍ତର
ରଜତ ସ୍ରୋତା ପୂର୍ଣ୍ଣିମାର
ପୂର୍ଣ୍ଣଚନ୍ଦ୍ର ଦେଖିଅଛ ତୁମେ
ସଂସାର ର ଅଭେଦ୍ୟ ସତ୍ୟକୁ
ସାମ୍ନା କରିପାରିଲନି
କାଳର ଇଙ୍ଗୀତରେ
ଚାଲିଗଲ ତୁମେ
ଅଫେରା ରାଇଜକୁ ।
ପରୋପକାର ରେ
ତୁମର ବିକଳ୍ପ ତୁମେ
ସତ୍ୟ ସହ ବେସାଲିସ
ଏକ ସଦା ହସହସ
ଯୌବନର ଉନ୍ମାଦନାରେ
ଚିର ଦେଦୀପ୍ୟମାନ
ତୁମର ବ୍ୟକ୍ତିତ୍ୱ ।

ଯିବ ତ ଯିବ
ପୁଣି ସମୟ
ଅସମୟ ତ ଅଛି
ଅସମୟ ଯିବା
ଭାରି ଦୁର୍ବିସହ ମର୍ମାନ୍ତକ
ମର୍ମନ୍ତୁଦ ବିଚ୍ଛେଦ ବିରହ
ମହୋତ୍ସବର ଖବର
ଭଲ ମନ୍ଦ ହାନି ଲାଭ
ନୂଆ ପଲ୍ଲୀ ରାସ୍ତା
ବିଦ୍ୟୁତ ବିଭ୍ରାଟ
ମୁଖ ବହିରେ
ଲେଖିବ ବା କିଏ ।

ଦେବାଶିଷ
ଦେବ ଆଶିଷର ଏକ
ଉତ୍ତରୀୟ ସତ୍ତା
ଏକ ଦିବ୍ୟ ଉଚ୍ଚାରଣ
ସ୍ୱର୍ଗସୁଖ ଅମୃତର
ସ୍ପର୍ଶ ଲଭ ଚିରକାଳ
ଆତ୍ମା ତୁମ ଲୀନ ହେଉ
ପରମାତ୍ମା ସଂଗେ
ତୁମେ ଏକ ଦୀପଶିଖା
ଦୁର୍ଲ୍ଲଭ ନିର୍ବାଣ ।

(ଅନୁଜପ୍ରତୀମ ଦେବାଶିଷ ରାୟଙ୍କ ସ୍ମୃତିରେ)

ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର- ୭୫୬ ୧୨୬
ମୋ:୯୪୩୭୩୭୨୧୬୬

ସାଇତି ରଖିଛି
ଧର୍ମେନ୍ଦ୍ର କୁମାର ସିଂହଦେଓ

ଦୂରେଇ ଗଲ ତୁମେ ଅଜାଣତେ
କିନ୍ତୁ ମୁଁ ସାଇତି ରଖିଛି
ତୁମର ସେହି ପ୍ରେରଣାଦାୟୀ ଅଭୁଲା
କଥାକୁ ।
ବଦଳି ଗଲା ତୁମର ପରିଚୟ
କିନ୍ତୁ ମୁଁ ସାଇତି ରଖିଛି
ତୁମର ସେହି ହୃଦୟସ୍ପର୍ଶୀ ମିଠା କଥାକୁ ।

ସାନ ବେଳେ ବୁଡି ଯାଇଥିଲା
ବର୍ଷା ପାଣି ସୁଅରେ ମୋ କାଗଜ ଡଂଗା
କିନ୍ତୁ ମୁଁ ସାଇତି ରଖିଛି
ତୁମେ ଦେଇଥିବା ନିଜ ଡଂଗା ମୋ ହାତକୁ ।

ମୁହଁସଂଜ ବେଳେ ହଜି ଯାଇଥିଲା
ଜହ୍ନ କୁ ଦେଖି ମୋ ଅବୁଝା ମନ
କିନ୍ତୁ ମୁଁ ସାଇତି ରଖିଛି
ଜୋଛନାରେ ଭିଜିଭିଜି ବିତିଥିବା ରାତି କୁ ।

ନିରବ ରାତିରେ ଉଡି ଯାଇଥିଲା
ମୋ ଅଳସ ଆଖିରୁ ଅସରନ୍ତି ନିଦ
କିନ୍ତୁ ମୁଁ ସାଇତି ରଖିଛି
ଦେଇଥିବା ତୁମର ସେହି ମଧୁର ସ୍ୱପ୍ନକୁ ।

ପଢୁ ପଢୁ ଥକି ଯାଇଥିଲା
ମୋ ଗହନ ସ୍ମରଣ ଶକ୍ତି
କିନ୍ତୁ ମୁଁ ସାଇତି ରଖିଛି
ଲକ୍ଷ୍ୟ ପ୍ରାପ୍ତି ପାଇଁ ତୁମର ସେହି ଲଢିବା
ପ୍ରକୃତିକୁ ।

ସହରୀ ଭିଡରେ ହୋଇ ଯାଉଥିଲି
ଗହଳି ଭିତରେ ବାଟବଣା
କିନ୍ତୁ ମୁଁ ସାଇତି ରଖିଛି
ହାତ ଧରି ପାରି କରିଥିବା ତୁମ ସେହି ହାତର
ସ୍ପର୍ଶକୁ ।

ସଂସାର ଜଂଜାଳେ ଫଶି ଯାଇଥିଲା
ମୋର ସୁଶିକ୍ଷିତ ଅଟଳ ବିବେକ
କିନ୍ତୁ ମୁଁ ସାଇତି ରଖିଛି
ମଣିଷ ପଣିଆ ତୁମ ସେହି ଆଦର୍ଶକୁ ।

ଭାବ ବିହ୍ୱଳରେ ପାସୋରି ଯାଇଥିଲା
ମୋ ନିଜ କର୍ତ୍ତବ୍ୟ ଜ୍ଞାନ
କିନ୍ତୁ ଆଜିବି ସାଇତି ରଖିଛି
ଅଭିନ୍ନ ହୃଦୟରେ ତୁମ ସେହି ଭଲ
ପାଇବାକୁ ।

ପୁରୀ
ମୋ: ୯୪୦୬୫୧୬୪୩୫

ତ୍ରିଶଙ୍କୁ
ଡ.ଉମେଶ ଚନ୍ଦ୍ର ମହାପାତ୍ର

ମୋର ଗୀତମାନଙ୍କରେ
ପୋକମରା ଔଷଧ ଢ଼ାଳି
ଚାଲିଯାନ୍ତି
ଋତୁ ପରେ ଋତୁ
ମୁଁ ବ୍ୟସ୍ତ ଥାଏଁ
ଯୋଗାଡ଼ କରିବାରେ
ଜହ୍ନରେ ଡିହ ବିକୁଥିବା
ଲୋକର ଠିକଣା ।

ମୋର ଠିକଣା ସବୁରେ
ଭଙ୍ଗା କାଚ ଫୋଫାଡ଼ି
ପୃଥିବୀ ସହ
କିଚିରି ମିଚିରି ଭାଷାରେ
ଶେଷ କଥାବାର୍ତ୍ତାକୁ
କ୍ଷତାକ୍ତ କରୁଥାଏ
ଗୋଟେ ଧରାବନ୍ଧା ସମୟର ଗୀତ
ମୁଁ କିନ୍ତୁ
ଭିନ୍ନ ଦିଶିବାର ଦଉଡ଼ରେ
ପଡ଼ି ଉଠି ଭାଙ୍ଗୁଥାଏଁ
ଋତୁ ପରେ ଋତୁଙ୍କର ଡେଣା ।

ବେଳେବେଳେ
ବସେଁ ବି
ସେ ଭଙ୍ଗା ସେତୁ ଉପରେ
ମାଟିର କପାଳରେ ହାତ ରଖି ଭାବେଁ
ଗୋଟେ
ଫେରିବି ଫେରିବି
ଉଦ୍‌ବେଳନକୁ
ମୋ ଭିତରେ ଖୁମ୍ପି ଖାଇ ଯାଉଥାଏ
ପରଦେଶୀ ସ୍ପନ୍ଦନର
ଅତୃପ୍ତ ଶାଗୁଣା ।

ଏବେ ଆକାଶକୁ ମାରିବି
ଟେକା
ନା
ପାତାଳର ପଶିବି ଶରଣ
ନିରନ୍ତର ତ୍ରିଶଙ୍କୁ ଦୋଳିରେ
କେତେ ଭାଗ ଝୁଲୁଥାଏ
ନିଃଶ୍ୱାସ ପ୍ରଶ୍ୱାସ
କେତେ ଭାଗ ଝୁଲଇ ମରଣ ।

ଅଧ୍ୟାପକ, ସ୍ନାତକୋତ୍ତର ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗ,
ପଞ୍ଚାୟତ ମହାବିଦ୍ୟାଳୟ, ବରଗଡ଼ - ୭୬୮୦୨୮
ମୋ: ୯୯୩୮୭୭୦୫୭୨

ନଦୀ ନାଳ ସିନ୍ଧୁ
ପ୍ରଲିପ୍ତା ଶତପଥୀ

ନାହିଁ କିଛି ନଦୀ ନାହିଁ ଯାର ଗତି
ମୁଁ ସଭିଙ୍କ ସମାପ୍ତି,
କଳକଳ ନାଦେ ନିମ୍ନଗାମୀ ପଥେ
ବହି ଚାଲେ କରି ସଭିଙ୍କୁ ତୃପ୍ତି ।

ସବୁ ନଦୀ ନାଳ ମୋ ଠାରେ ଯେ ଅନ୍ତ
ମୁହିଁ ଏକା ଅଟେ ଅନନ୍ତ,
ବିନ୍ଦୁ ଠାରୁ ସୃଷ୍ଟି ନାହିଁ ମୋର ଦୃଷ୍ଟି
ମୋ ଠୁଁ ଜନ୍ମିଥିଲେ ଲକ୍ଷ୍ମୀକାନ୍ତ ।

ଲକ୍ଷ୍ମୀଙ୍କର ପିତା ଶଶି ତାଙ୍କ ଭ୍ରାତା
କହୁଥାଏ ସବୁବେଳେ,
କେତେବେଳେ ସ୍ୱରେ କେତେବେଳେ ଲୟେ
ଗାଉଥାଏ ତାଳେତାଳେ ।

ମୋତେ ମନୁନ କରି ଦେବଦେବୀ
ପାଇଥିଲେ ଯେ ଅମୃତ,
ଆଉ ପାଇଥିଲେ ପାନିୟ ଦ୍ରବ୍ୟ
ଯେ ପାନ କରେ ସେ ହୁଅଇ ମୃତ ।

ବିନ୍ଦୁ ବିନ୍ଦୁ ହୋଇ ସୃଷ୍ଟି ହେଲି ମୁହିଁ
ବିରାଟ କାୟ ସିନ୍ଧୁ,
ପାଖେ ଅଛି ମୋର କାଳିଆ ଠାକୁର
ଅଟେ ସେ ଦୀନର ବନ୍ଧୁ ।

ଡର ନାହିଁ ମୋର କାହାକୁ ବି ଏଠି
ପାଖେ ଅଛି ମୋର କାଳିଆ,
ତା ସଙ୍ଗେ ଅଛନ୍ତି ଭାଇ ଓ ଭଉଣୀ ।

ରେଢ଼ାଖୋଲ, ସମ୍ବଲପୁର

ଏକ ପ୍ରଶ୍ନବାଚୀ
ଲକ୍ଷ୍ମୀପ୍ରିୟା ମାଇତି

କବିତାଟିଏ ପାଇଁ
ନିହାତି ପ୍ରେମଟିଏ ଲୋଡ଼ା ।

କୁହ ଗୋ କବି ?

ପ୍ରେରଣା କ'ଣ କେବେ ପ୍ରେମିକା ଟେ
ସାଜିନି !
ନା କବିୟତ୍ରୀର ପ୍ରେମିକଟେ ହୋଇନି ?

କଲମର କାଳିରେ
ସେ ପ୍ରେରଣା କ'ଣ ପ୍ରୀତି ହୋଇ ଝରିନି
ତମ କାଗଜର ମୁଲାୟମ ମଧୁଶଯ୍ୟା
ପରେ ?

ତମ ଅଧରକୁ କ'ଣ ଚୁମିନି
ପ୍ରଶଂସା ଟିଏ ହୋଇ
ଦିନରାତି ବାହ୍ୟ ଆଉ ଗୋପନରେ ।

ନିବିଡ଼ ଆଲିଙ୍ଗନ ତମେ କରିନ କ'ଣ...
ତମ ତେଲ ଲୁଣ ସଂସାରର ଅଦୃଶ୍ୟରେ ।

ତମେ କ'ଣ ତାକୁ ଡାକିନ
ଆ' ଯିବା ଆମେ ଅଶରୀରୀ ସାଜି
ପୃଥିବୀରୁ ଆକାଶ
ନଦୀରୁ ସାଗର
ପାହାଡ଼ ଝରଣା
ଅମରୀ ଆଉ କିଆଁ କେତକୀ ର ବଣକୁ ?

କେବେ କ'ଣ ତମେ
ଗାରଟିଏ ହେଉ ଅବା ଧାରଟିଏ
ଅପବାଦର କଳଙ୍କ ଟିପାଟେ ପିନ୍ଧିନ
ପରାଜିତ ଅବା ବିଜୟର ଧ୍ୱଜା ପାଇଁ ?
କାଳଜୟୀ ହୋଇନ କ'ଣ
ପ୍ରଣୟର ଦୀପ ଛୁଇଁ !
କୁହ କୁହ...
ପ୍ରେରଣା ବିନା ତମେ କି ପାରିଛ
ଅଳିଏ ଭାବନାରୁ ଜୀଇଁ...

ଏରସମା, ଜଗତସିଂହପୁର

ଶୀତ ଆସିଛି
କମଳ ଲୋଚନ ପଣ୍ଡା

ହଁ, ଶୀତ ଆସିଛି
ଉଷ୍ମ ଆଲିଙ୍ଗନ ର ପ୍ରଣୟ ସମ୍ବାଦ ନେଇ

ଆସିଛି ଶୀତର ସାୟାହ୍ନ
ଥରହରଙ୍କୁ ଦରକାର ସାହାଯ୍ୟର ହାତ

ସୁନେଲି ଫସଲ କ୍ଷେତରେ ହସେ,
ଶୀତର କାନ୍‌ଭାସ୍ ରେ ଝଡ଼ା ପତ୍ରର ରଙ୍ଗ
ମିଶେ

ସୁନେଲି ସୁନେଲି ସୂର୍ଯ୍ୟକିରଣ
ବହଇ ଧୂର ଧୂର ଉତରା ପବନ

ଶରୀରେ ଭରେ ଶୀତଳ ଶିହରଣ
ପଲ୍ଲୀକୋଳର ଉପଭୋଗ୍ୟ ଅପରାହ୍ନ
ଗାଁ ରେ ମୋ ପିଲାଦିନ
ଏବେ ବି ଭୁଲିନି ମନ !
ଖଳାରେ ଅମଳର ବେଳ
ଗୋଟେଇ ଆଣିଥିବା ଛିଣ୍ଡା ଧାନ ସିସା ସବୁ
ମୋର ।

ନୀଳଗିରି, ବାଲେଶ୍ୱର
ମୋ: ୮୯୧୭୩୪୦୮୮୯

ମିଳିଗଲା ଖାଲି ଦରଜ
ତାରାପ୍ରସାଦ ଜେନା

ପ୍ରେମ ଗରଜକୁ ପ୍ରେମ ମିଳିଲାନି, ମିଳିଗଲା
ଖାଲି ଦରଜ
ଆଗ ପଛ ଆଉ ମନ ବୁଝିଲାନି,
ମିଳିଗଲା ଖାଲି ଦରଜ ।

ହସ ଗେଲ ସବୁ ସାତ ସପନକୁ ବୁଡ଼ିଗଲା
ପ୍ରେମ କରଜ
ମୁହଁ ଚାହିଁବାକୁ ଇଚ୍ଛା ବଳିଲାନି
ମିଳିଗଲା ଖାଲି ଦରଜ ।

ଜୀବନ ଛକରେ ଏମିତିକା ଭିଡ଼, ବଢ଼ିଗଲା
ବେଶି ନାରାଜ
ପ୍ରେମ ଅଭିମାନେ ବାଟ ଦିଶିଲାନି
ମିଳିଗଲା ଖାଲି ଦରଜ ।

ମଧୁ ଚଇତାଳି ପଡୁନାହିଁ ତାଳି, ପଡ଼ିଗଲା
ଫିକା ମଉଜ
ସ୍ମୃତି ପାଣିଚିଆ ସୁଖ ମେଣ୍ଟିଲାନି,
ମିଳିଗଲା ଖାଲି ଦରଜ ।

'ତାରା' ଯଉବନ ଟାଣ ଆଉ ନାହିଁ,
ତୋଳାଗଲା ଦୋଷ ତରାଜ
କିଏ ବଢ଼ ସାନ ମେଳ ଘଟିଲାନି,
ମିଳିଗଲା ଖାଲି ଦରଜ ।

ରାଜ ରଣପୁର,
ନୟାଗଡ- ୭୫୨୦୨୬,
ମୋ:୯୩୪୮୦୫୪୩୦୦

ମଶାଣି
ପ୍ରଭାତ କୁମାର ଆଚାର୍ଯ୍ୟ

ଯେଉଁଠି ଲଟ୍ଟି ଯାଇଛି
ଗାଁ ମୁଣ୍ଡର ଶେଷ ରାସ୍ତା,
ନଦୀପଠାର ବିସ୍ତିର୍ଣ୍ଣ ବାଲିପଠା,
ସାକ୍ଷୀ ହୋଇ ଠିଆ ବରଗଛ,
ତା ପାଖେ ନାହିଁ ଆଗ ପଛ
ସମସ୍ତଙ୍କୁ ଯିବାକୁ ହେବ
ତା କୋଳ ହେବ ଶେଷ ଆଶ୍ରୟ ।
ସେଠି ଗୋପନୀୟତା ନାହିଁ
ନାହିଁ ଛଳନା,ଚାତୁରୀପଣ,
ସମୟ ଆସିଲେ
ରହିପାରିବେନି କେହି
ସିନ୍ଧୁକ ଭିତରେ,ଅବା ସୁନାଛାଉଣୀରେ,
ଯିବାକୁ ହେବ ସମସ୍ତଙ୍କୁ
ଖବର ଜଣେଇ ।
ଶୃଙ୍ଗାରରେ ଯେତେ ମାତୁଛ ମାତ
ଗୋଟେଇ ନିଅ
ଗାଡ଼ି,ମଟର,ଧନ ଦୌଲତ ଅବା
ସ୍ତ୍ରୀ ପାଇଁ ଗହଣା ବାକ୍ସ
ପୁତ୍ର ମୋହରେ ବିନିଦ୍ର ହୁଅ
ତଥାପି ବେଳେ ବେଳେ ମନେ ପଡିଯାଏ
ଗାଁ ମୁଣ୍ଡର ସେହି ଶେଷ ରାସ୍ତା ।
ସବୁ ହଜି ଯିବ
ସାଙ୍ଗସାଥୀ ପ୍ରିୟ ପରିଜନ,
ପ୍ରାଣ ପ୍ରିୟା ପତ୍ନୀର
ପ୍ରେମ ନିବେଦନ,
ଭାଙ୍ଗିଯିବ ସୁନାର ସ୍ୱପ୍ନ
ସଂସାରର ସମ୍ମୋହନ
ହାତ ଠାରି ଡାକିବ
ଛଅ ଖଣ୍ଡି କାଠର ବିଛଣା
ଗାଁ ମୁଣ୍ଡ ଶେଷ ରାସ୍ତା ହେବ ଆମ
ଶେଷ ଠିକଣା ।

ଜାନୁଗଞ୍ଜ, ବାଲେଶ୍ୱର

ଅଦୃଶ୍ୟ ମାନ
ଶୁଭଦର୍ଶିନୀ ଦାଶ

ଶୂନ୍ୟ ଚାଙ୍ଗୁଡ଼ିରେ
ଅଦୃଶ୍ୟ ଫୁଲଟିଏ ସୃଷ୍ଟିର ସୃଷ୍ଟ
ଅଲିଅଳି ଜେମା ସିଏ
ନାହିଁ ତାର ଯେ ତୁଳନା
ସିଏ ଇତିହାସ ସିଏ ବର୍ତ୍ତମାନ
ଆଉ ବର୍ତ୍ତମାନକୁ ନେଇ
ସିଏ ହିଁ କରିଥାଏ ଭବିଷ୍ୟତର ରଚନା ।
ସିଏ ଅଫେରା ରାଇଜର ପରୀ
ଚଲାବାଟେ କାହାରିକୁ
ଅପେକ୍ଷା କରେନାହିଁ ସେ ତ
କି ଚାହେଁନାହିଁ କେବେ ପଛକୁ ଫେରି ।
ଭଲ ସେତ ପାଏ ନାହିଁ
କାହା ଅଧିନରେ ରହିବା ପାଇଁ
ନିଜ ସ୍ରୋତେ ନିଜେ ବୋହି ଚାଲେ
ଦିଗହରା ସେତ ହୁଅଇନାହିଁ ।

ରହିବାକୁ ଭଲପାଏ
ନିଜ ସ୍ଥାଣୁ ପରିଚୟେ ଅଣୁଟିଏ ହୋଇ,
ହେଲ ଅସ୍ତିତ୍ୱ ହରାଇ
ବଞ୍ଚିବା ସେ ଯେ ଶିଖିନାହିଁ ।

ତା ସହ ପାଦ ମିଶିଗଲେ
ପୁଷ୍ପମୟ ହୁଏ ଏ ଜୀବନ ଚଲାପଥ
ନହେଲେ କଣ୍ଟକିତ ଅନୁଭବରେ ଜୀବନ
ହୋଇ ରହିଯାଏ
କେବଳ ଏକ ଦୁଃଖଦ ଅତୀତ ।

ସବୁ ଦେଖି ଚାଲୁଥାଏ
ଅଭିଯୋଗର ଫର୍ଦ୍ଦଟେ
ତା ଡାଏରୀ ରେ ନାହିଁ
ସେ ଯେ ସମୟ, କାହା ନେବା, ନନେବା
ଇଚ୍ଛା, ଅନିଚ୍ଛାକୁ
କେବେ ଅପେକ୍ଷା କରିବାକୁ
ତା ପାଖରେ ସମୟ ଯେ ନାହିଁ,
ସମୟ ଅନ୍ତରେ, ଏଇ ଜୀବନରେ
ଦେଇଯାଏ କର୍ମଫଳ ସବୁ
ପାତର ଅନ୍ତର କରିବା
ସେ ତ ଜମା ଶିଖିନାହିଁ ।

ଭୁବନେଶ୍ୱର

ବିକଳ୍ପ
ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ୍

କେବେବେବେ ସହିବାର ସୀମା
ଅତିକ୍ରମି ଗଲେ,
ସହସା ସେ
ବଞ୍ଚିବାର ବିକଳ୍ପ ଟେ ଲୋଡ଼େ,
ଛାତିକୁ ଛାତି ଭାବିଦେଲେ
ତ କଥା ସରେ,
ମହଣ ମହଣ ଦୁଃଖ କୁ
ଆବୋରିବା ଟା ହିଁ ସାର ହୁଏ,
ଆଖିରୁ ଠକ୍ ଠକ୍ ଲୁହ ଝରେ ।

କିଛି ବୋଲି କିଛି ଚାହୁଁ ନଥିବା
ତା ଭାବନା ସବୁ ସିଝୁ ଥାଆନ୍ତି
ଭାତ ଫୁଟା ତାତିରେ,
ତା ଶବ୍ଦ ସବୁ ଜିଭ ତଳେ
ନିଇତି ମରୁଥାନ୍ତି
ଛଳନାର ଆହତ ଅକ୍ଷରେ,
ତଥାପି ସେ ଚାହେଁନା ପାଲଟା
ଆକ୍ରମଣଟେ ଅବା
ରକ୍ତପାତର ବିଭୀଷିକା,
ବଞ୍ଚିବାର ସରଳ ସୂତ୍ରଟେ ଖୋଜିନେଇ
ନିଜ ମଧ୍ୟେ ନିଜେ ସେ ଭୋଗୁଥାଏ
ନିରୁତା ନୀରବତା ।

ଅପେକ୍ଷା ର ଛଳ ଛଳ ଲୁହରେ
ତମାମ ରାତିଟା ଭିଜିବା ପରେ ବି
ସେ ଖୋଜି ନଥିଲା
ଆଶ୍ୱାସନା ର ମୁଲାୟମ ହାତ,

ସେ ଭଲ କରି ଜାଣିଥିଲା
ମିଥ୍ୟା ଅହମିକାର ଭିଡ଼ରେ
ତା ପାଇଁ ହୁଏତ ନଥାଇ ପାରେ
ଆତ୍ମୀୟତାର ଆହାଃ ପଦ,
ତଥାପି ଏକମାତ୍ର ବିକଳ୍ପ ଭାବି
ବଞ୍ଚିବାକୁ ସେ ଏବେ ପ୍ରସ୍ତୁତ ।

ସହଦେବଖୁଣ୍ଟା,ବାଲେଶ୍ୱର-୭୫୬୦୦୧
ମୋ:୭୭୮୮୯୭୭୨୭୬

ମହାବାହୁଙ୍କ ମହାନତା
ଅମିତ କୁମାର ବେହେରା

ଦୁଃଖ ଯାଏ ସରି କ୍ଷଣି କରେ
ତୁମ ନାମ ଯେବେ ତୁଣ୍ଡେ ଧରେ ।

ଅଶାନ୍ତ ଚଞ୍ଚଳ ମନେ ଶାନ୍ତି ଭରେ
କର୍ଣ୍ଣ ଯେବେ ତବ ନାମ ଶ୍ରବଣ କରେ ।

ଅତୁଟ ବିଶ୍ୱାସ ଥାଏ ଯାହାର ତୁମ ଉପରେ
ଅଗମ୍ୟ ହେଇ ଯାଏ ଗମ୍ୟ ଚାହୁଁ ଚାହୁଁ ରେ ।

ସ୍ୱର୍ଗ ସମ ସୁଖ ମିଳେ ଏଇ ମର୍ତ୍ତ୍ୟ ରେ
ସମର୍ପି ଲେ ସବୁ ତବ ଚରଣରେ ।

ସଦା ଥାଅ ଯାହାର ତୁମେ ଚିନ୍ତନରେ
ପାଦ ବଢେ ନାହିଁ ତାର କେବେ ଅବାଟରେ ।

ନିତ୍ୟ ନିରନ୍ତର ଧ୍ୟାନ ଥାଏ ଯାର ତୁମ ଠାରେ
ଆସେ ନାହିଁ କେବେ ଅଧର୍ମ ବିଚାର
ଭାବନରେ ।

ଜୀବନଟା ବିତିଯାଉ ମୋର ତବ ସେବାରେ
ତନୁ ମନ ନାଚୁ ଥାଉ ମୋର ତବ ଭାବରେ ।

ଏତିକି କରୁଣା କର ହେ ଠାକୁରେ
ଜୀବନ ଟା ବିତି ଯାଉ ମୋର ତବ
ସେବାରେ ।

ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ଜୀବନଟା ବିତି ଯାଉ ମୋର ତବ ସେବାରେ ।

ପ୍ରାକ୍ତନ ଛାତ୍ର
ସ୍ନାତକୋତ୍ତର ଗଣିତ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର
ମୋ: ୮୯୦୮୪୮୯୩୨୯

ଭିତିରି କାହାଣୀର..
ପ୍ରଶାନ୍ତ ଚନ୍ଦନ

କଥା କ'ଣ ଥାଏ ମିଛ, ନିଶା
ନା ମିଛ, ରୋଗ ଯେ ଚିତ୍କାର କରିଦେଲେ
ହୋଇଯିବ ନାହିଁ ସତ, ସତ
(ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ କି
କର୍କଟ ରୋଗର ମୂଳ କାରଣ
ବୈଧାନିକ ଚେତାବନୀ) ଯେମିତି...
ସେମିତି ଖାଲି ଝଟକୁ ଥିବ ଭାଗ୍ୟ, ଧର୍ମ ନୁହଁ
ନା ତା'ବି ସ୍ତ୍ରୀ, ପୁରୁଷ ଲିଙ୍ଗ ଭେଦ ଭୁଲି
କେବଳ ଦିଶୁଥିବ ଚୌଦିଗ
ବଡ, ବଡ ଜାତି, କମାଣି...
ଏବଂ ସେ ସବୁକୁ ପାଳି ଧରି ଉଚ୍ଚାଟ
କରୁଥିବ
ପ୍ରଶ୍ନ, ପ୍ରତି ପଶ୍ନ ପରି ନିଜ, ନିଜ ପ୍ରବୃତ୍ତି ତ
କ'ଣ କହିବ କୁହ ଆହୁରି ପୁଣି... ନା ଅଛି
ରହସ୍ୟ ବୋଲିବା ଶବ୍ଦଟାକୁ ବି
ଯେମିତି କରି ଦେଉଥିବ ନାହିଁ ହଁ, ହଁ
ବୋଲି ସ୍ୱାନ୍ତନା ପାଇଁ, ନୁହେଁ କି... !!

ଇରିଗେସନ୍ କଲୋନୀ, ଲେନ୍ ୩
ଭବାନୀପାଟଣା, କଳାହାଣ୍ଡି
ମୋ - ୯୧୭୮୬୯୪୧୧୫

ପ୍ରଧାନମନ୍ତ୍ରୀ ଫସଲ ବୀମା ଅର୍ଥ ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କୁ ଦେବାକୁ ପଡିବ : ବିଜେଡି

ଭୁବନେଶ୍ୱର ,୧୪/୧୧ (ନି.ପ୍ର): ଏହି ଯୋଜନାଟି ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା ଭାବରେ ନାମିତ ହୋଇଛି । ତେଣୁ ଫସଲ ବୀମା ଅର୍ଥ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବାକୁ ପଡିବ ବୋଲି କହିଛନ୍ତି ବିଜେଡି ବିଧାୟକ ଶ୍ରୀ ଦେବେଶ ଆଚାର୍ଯ୍ୟ । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ଯେହେତୁ କେନ୍ଦ୍ର ସରକାର ଓଡିଶାକୁ ଫସଲ ବୀମା ଦେୟ ପ୍ରଦାନ କରିବାର ଅଛି, ତେଣୁ ପଶ୍ଚିମ ଓଡିଶାର ଲକ୍ଷ ଲକ୍ଷ ଚାଷୀଙ୍କୁ ସେମାନଙ୍କର ଫସଲ ବୀମା ଅର୍ଥ ସୁନିଶ୍ଚିତ କରିବା ପାଇଁ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡିଶାର ସମବାୟ ମନ୍ତ୍ରୀ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ସହ ନିୟମିତ ଉଦ୍ୟମ ଏବଂ ସମନ୍ୱୟ ରକ୍ଷା କରିଆସୁଛନ୍ତି ।

ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଚିଠି ଲେଖି ଓଡିଶାର ଚାଷୀଙ୍କୁ ପଡି ରହିଥିବା ଫସଲ ବୀମା ଦେୟ ପ୍ରଦାନ ଲାଗି କହିଛନ୍ତି । ଓଡ଼ିଶାର ସମବାୟ ମନ୍ତ୍ରୀ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଭେଟି ଫସଲ ବୀମା ଅର୍ଥ ମଞ୍ଜୁର କରିବାକୁ ଅନୁରୋଧ କରିଛନ୍ତି ଯାହା ଦ୍ୱାରା ଓଡିଶାର କୃଷକମାନେ ସେମାନଙ୍କର ଫସଲ ବୀମା ଦେୟ ପାଇପାରିବେ ।

ତେବେ ଆଶ୍ଚର୍ଯ୍ୟଜନକ ଏବଂ ଦୁର୍ଭାଗ୍ୟଜନକର କଥା ହେଉଛି ଯେ ବିଜେପି ଓଡିଶାର ଚାଷୀଙ୍କୁ ବିଭ୍ରାନ୍ତ କରୁଛି ଏବଂ ଫସଲ ବୀମା ଦେୟ ପ୍ରଦାନ ନକରିବାର ଦୋଷକୁ ରାଜ୍ୟ ମୁଣ୍ଡରେ ଲଦୁଛି । କୃଷକମାନଙ୍କୁ ବିଭ୍ରାନ୍ତ କରିବା ଏବଂ ମିଥ୍ୟା ବିବୃତ୍ତି ଦେବା ପରିବର୍ତ୍ତେ, ଫସଲ ବୀମା ଦେବାର ବିଫଳତାକୁ ବିଜେପି ଗ୍ରହଣ କରିବା ଉଚିତ ଏବଂ ଓଡିଶା ଚାଷୀଙ୍କର ପଡି ରହିଥିବା ବୀମା ଅର୍ଥ ମଞ୍ଜୁର କରିବାକୁ ଦିଲ୍ଲୀ ସରକାରଙ୍କୁ କହିବା ଉଚିତ । ଯଦି ବିଜେପି ପଶ୍ଚିମ ଓଡ଼ିଶାର କୃଷକମାନଙ୍କୁ ସେମାନଙ୍କର ପଡି ରହିଥିବା ଫସଲ ବୀମା ଅର୍ଥ ଶୀଘ୍ର ଦେବାରେ ବିଫଳ ହୁଏ, ତେବେ ଏହି ମିଥ୍ୟା ତଥା ଶୋଷଣ ପାଇଁ ଲକ୍ଷ ଲକ୍ଷ କୃଷକ ବିଜେପିକୁ କଦାପି କ୍ଷମା କରିବେ ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ପରିବାର ଅଦାଲତଙ୍କ ମାନବିକତା ଆଗରେ ହାର ମାନିଲା ବିବାହ ବିଚ୍ଛେଦ ମାମଲା

କେନ୍ଦ୍ରାପଡ଼ା ,୧୪/୧୧ (ନି.ପ୍ର): କେନ୍ଦ୍ରାପଡା ପରିବାର ଅଦାଲତର ମାନବିକତା ଆଗରେ ଏକ ବିବାହ ବିଚ୍ଛେଦ ମାମଲା ହାର ମାନି ସ୍ୱାମୀ ସ୍ତ୍ରୀର ଗର ସଂସାର ପୁଣି ଯୋଡି ହୋଇ ଯାଇଛି । ମିଳିଥିବା ସୂଚନା ଅନୁଯାଇ ନିକିରାଇ ଥାନା ଅର୍ନ୍ତଗତ ଘାଗରା ଗ୍ରାମର ଶିବ ପ୍ରସାଦ ବିଶ୍ୱାଳ ଅନୁଗୁଳ ଜିଲ୍ଲା ତାଳଚେର ଥାନା ଅନ୍ତର୍ଗତ କୁନି ସ୍ୱାଇଁଙ୍କୁ ୪.୦୭.୨୦୧୪ ମସିହାରେ ବିବାହ କରିଥିଲେ । ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହେବା ପରେ ଉଭୟଙ୍କ ଭିତରେ ପାରିବାରିକ ସମସ୍ୟାକୁ ନେଇ ମନାନ୍ତର ହେବାରୁ ଶିବ ପ୍ରସାଦ ମାନ୍ୟବର ପରିବାର ଅଦାଲତରେ ବିବାହ ବିଚ୍ଛେଦ ମାମଲା ଦାଏର କରିଥିବା ବେଳେ କୁନି ବିଶ୍ୱାଳ ତରଫରୁ ଭରଣ ପୋଷଣ ମାମଲା ଦାଏର କରାଯାଇ ଥିଲା । ପରିବାର ଅଦାଲତର ବିଚାରପତି ମାନ୍ୟବର ବିକାଶ ଚନ୍ଦ୍ର ଦେ ଙ୍କ ଉଦ୍ୟମରେ ପାରିବାରିକ ସମସ୍ୟା ସମାଧାନ ହୋଇ ପୁନର୍ବାର ସାଂସାରିକ ଜୀବନ ନିର୍ବାହ କରିବା ପାଇଁ ନିଷ୍ପତି ନେଇ ସ୍ୱାମୀ ସ୍ତ୍ରୀ ପୁଅକୁ ଧରି ଘରକୁ ଫେରି ଯାଇଛନ୍ତି । ଏହି ମାମଲାକୁ ପରିବାର ଅଦାଲତର ବରିଷ୍ଠ ଆଇନଜୀବି ବିଚିତ୍ରାନନ୍ଦ ସାହୁ ଓ ମୋହନ ଚରଣ ସାହୁ ପରିଚାଳନା କରିଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣର ପୂର୍ବତନ ସଚିବ ସଙ୍ଗୀତା ପାଣି ଆଇନଜୀବି ବିଚିତ୍ର କୁମାର ସାହୁଙ୍କୁ ଉକ୍ତ ସମୟରେ ମକଦ୍ଦମା ପରିଚାଳନା କରିବା ପାଇଁ ନିଯୁକ୍ତି ଦେଇଥିଲେ ।

ଗାୟତ୍ରୀ ପରିବାର ପକ୍ଷରୁ ଗୃହଲକ୍ଷ୍ମୀ ମୁରୁଜ ପ୍ରତିଯୋଗିତା

ଘସିପୁରା ,୧୪/୧୧ (ନି.ପ୍ର): ଆମ ସଂସ୍କୃତି ଏବଂ ପରମ୍ପରାକୁ ଉଜ୍ଜିବୀତ କରିବାକୁ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଏକ ବ୍ଲକ ସ୍ତରିୟ ମୂରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି ।ବ୍ଲକ ସଂଯୋଜକ ପ୍ରମୋଦକୁମାର ବରାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅଳତୀ ଗ୍ରାମ ମା''କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି ମୂରୁଜ ପ୍ରତିଯୋଗିତାରେ ୫୦ ରୁ ଊର୍ଦ୍ଧ ବିବାହିତା ମହିଳା ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ ।ମୁଖ୍ୟ ଅତିଥି ଭାବେ ବସନ୍ତ ମଞ୍ଜରୀ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସମାଜସେବୀ ରତିକାନ୍ତ ବରାଳ , ବରିଷ୍ଠ ଗାୟତ୍ରୀ ସାଧକ ପ୍ରାଗଜୀ ଭଗବାନଲାଲ୍ ପଢିଆରୀ, ଅମରେଶ ପାତ୍ର, ସ୍ଥାନିୟ ସରପଞ୍ଚ ପ୍ରିୟବ୍ରତ ବରାଳ ପ୍ରମୂଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ପ୍ରତିଯୋଗିଙ୍କ ମଧ୍ୟରୁ ଜ୍ୟୋସ୍ନାମୟୀ ଓଝା ଶ୍ରୀଜଗନ୍ନାଥଙ୍କ ଉପରେ ସୁନ୍ଦର ଛବି ଆଙ୍କି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅନିତା ନାଥ ଦ୍ୱିତୀୟ ଏବଂ ବିଜୟଲକ୍ଷ୍ମୀ ଓଝା ତୃତୀୟ ସ୍ଥାନରେ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ସେହିପରୀ ଶାନ୍ତ୍ୱନା ମୂଳକ ପୁରସ୍କାର ସ୍ୱରୂପ ମୋଟ ଦଶଜଣଙ୍କୁ ମାନପତ୍ର ଏବଂ ଶାଢି ପ୍ରଦାନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଛି ।ବିଚାରକ ଭାବେ ବରିଷ୍ଠ ପ୍ରସ୍ତର କାରିଗର ହରେକୃଷ୍ଣ ମହାରଣା, ପ୍ରଦିପକୁମାର ନାୟକ, କାର୍ତ୍ତିକପ୍ରସାଦ ଶତପଥି କାର୍ଯ୍ୟ ସମ୍ପାଦନ କରିଥିଲେ ।

ମାଗଣା ଦାନ୍ତ ପରିକ୍ଷଣ ଶିବିର ଅନୁଷ୍ଠିତ

ବଲାଙ୍ଗିର ,୧୪/୧୧ (ନି.ପ୍ର): ବଲାଙ୍ଗିର ସୁଦପଡା ସ୍ଥିତ ବଲାଙ୍ଗିର ରୋଡ ପାସେଞ୍ଜର ହଲ୍ଟ ରେଲ ଷ୍ଟେସନ୍ ରାସ୍ତାରେ ଦାନ୍ତ ଚିକିତ୍ସକ ଡାଃ ସୁମନ ଗର୍ଗ ଙ୍କ ଆର୍ କେ ଡେଂଟାଲ କେୟାର ଚିକିତ୍ସାଳୟ ରେ ଅପରାହ୍ନ ୫ ଟା ରୁ ସନ୍ଧ୍ୟା ୮ ଘଂଟା ପର୍ଯ୍ୟନ୍ତ ମାଗଣା ଦାନ୍ତ ପରିକ୍ଷଣ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା ଓ ଏଠାରେ ୫୦ ରୁ ଅଧିକ ନାମ ପଞ୍ଜୀକରଣ କରି ଦାନ୍ତ ପରୀକ୍ଷାନିରୀକ୍ଷା କରାଇବା ସହିତ ମାଗଣା ଔଷଧ ବିତରଣ କରାଯାଇଥିଲା । ଆଗକୁ ଦାନ୍ତ ସୁରକ୍ଷା ଦିଗରେ ଯତ୍ନବାନ୍ ହେବାକୁ ପରାମର୍ଶ ଦିଆଯାଇଥିଲା ।

ତମାଣ୍ଡୋ ହାଇସ୍କୁଲ୍‌ରେ ବିଜ୍ଞାନ ମେଳା ଓ ମୀନାବଜାର

ଭୁବନେଶ୍ୱର ,୧୪/୧୧ (ନି.ପ୍ର): ଭ୍ରମରବର ସରକାରୀ ଉଚ୍ଚ ବିଦ୍ୟାଳୟ, ତମାଣ୍ଡୋରେ କ୍ଲଷ୍ଟର ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ-୨୦୨୨ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟରେ ୪୨୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ଜଣ କୃତି ଛାତ୍ରଛାତ୍ରୀ ବିଭିନ୍ନ ବିଜ୍ଞାନ ଓ ପରିବେଶ ସମ୍ବନ୍ଧୀୟ ପ୍ରକଳ୍ପମାନ ପ୍ରଦର୍ଶୀତ କରିଥିଲେ । କୁନି କନି ବୈଜ୍ଞାନିକମାନେ ସେମାନଙ୍କର ବୌଦ୍ଧିକ ଜ୍ଞାନ କୌଶଳର ବିକଶିତ ପ୍ରତିଭାକୁ ଉଦ୍‌ଜୀବିତ କରି ପ୍ରଶଂସିତ ହୋଇଥିଲେ । ନିକଟ ଗ୍ରାମ ମାନଙ୍କର ପ୍ରାୟ ୫୦୦ ଛାତ୍ରଛାତ୍ରୀ ଏହି ମେଳକୁ ଉପଭୋଗ କରିବା ସହ ଛାତ୍ରଛାତ୍ରୀମାନେ କରିଥିବା ମୀନାବଜାରକୁ ସମସ୍ତେ ଉପଭୋଗ କରିଥିଲେ । ଭଳିକି ଭଳି ଖାଦ୍ୟ ପସରାର ସମ୍ଭାର ଦେଖିବାକୁ ମିଳିଥିଲା । ସଂଗୀତର ତାଳେ ତାଳେ ମୀନାବଜାରର ମନୋରମ ଆକର୍ଷଣ ସମସ୍ତଙ୍କୁ ଖୁସି ଦେଇଥିଲା । ଆନୁଷାନିକ ଭାବେ ଏହାକୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଗୋଲାପ ମଣ୍ଡଳ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ପରିଡ଼ା ଓ ଶିକ୍ଷକ ପ୍ରମୋଦ କୁମାର ଭଞ୍ଜ ଏହାକୁ ପରିଚାଳନା କରିଥିଲେ । ବିଦ୍ୟାଳୟ ତରଫରୁ ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ବାରିକ, ନିରୂପମା ନାୟକ, ନିଳିମା ମହାପାତ୍ର, ମଧୁଛନ୍ଦା ଦାଶ ପ୍ରକଳ୍ପ କାର୍ଯ୍ୟର ବିବରଣୀ ସଂଗ୍ରହ କରିଥିଲେ ଓ ଛାତ୍ରଛାତ୍ରୀଙ୍କର କୃତୀତ୍ୱର ମୂଲ୍ୟାୟନ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ରମାମଣି ସ୍ୱାଇଁ, ମିତାଲି ଦାଶ, ପୂର୍ଣ୍ଣିମା ଦାସ, ଉର୍ମିଳା ବେହେରା, କଳାଶିକ୍ଷୟିତ୍ରୀ ନିଳିମା ବେହେରା, କ୍ରୀଡା ଶିକ୍ଷୟିତ୍ରୀ ପ୍ରଣତି ସାମନ୍ତରା ଓ ସାଗରିକା ପାଇକରାୟ, ସାନ୍ତାନି ଭୂୟାଁ, ତନୁଶ୍ରୀ ଦଣ୍ଡପାଟ, ନିବେଦିତା ମହାନ୍ତି, ସ୍ମୃତିରେଖା ଦାଶ, ପ୍ରାଚୁର୍ଯ୍ୟା ପଟ୍ଟନାୟକ, ଦେବେନ୍ଦ୍ର ନାୟକ, ଦେବବ୍ରତ ଓଝା, ସତ୍ୟଜିତ୍ ଜୟସିଂହ ଓ ନିରଞ୍ଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରି ଏହି ପ୍ରଦର୍ଶନୀ ମେଳାକୁ ସରସ ସୁନ୍ଦର କରିଥିଲେ । ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶିକ୍ଷକ ପ୍ରମୋଦ କୁମାର ଭଞ୍ଜ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ ।

ଜାନୁୟାରୀ ପହିଲାରେ ବିଶ୍ୱଶାନ୍ତି ସର୍ବଧର୍ମ ପ୍ରାର୍ଥନା ଦିବସ ପାଳନ କରାଯିବ

ଭୁବନେଶ୍ୱର ,୧୪/୧୧ (ନି.ପ୍ର): ପ୍ରତିବର୍ଷ ଭଳି ଆସନ୍ତା ଜାନୁୟାରୀ ପହିଲାରେ ପ୍ରାର୍ଥନା ଦିବସ ପରିଚାଳନା ସମିତି ପକ୍ଷରୁ ଦେଶ ଏବଂ ରାଜ୍ୟର ବିଭିନ୍ନ ସହରରେ ବିଶ୍ୱଶାନ୍ତି ପ୍ରାର୍ଥନା କରାଯିବ । ଏହି କ୍ରମରେ ସେଦିନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସର୍ବଧର୍ମ ପ୍ରାର୍ଥନା ଦିବସ ପାଳନ କରାଯିବ ବୋଲି ପ୍ରାର୍ଥନା ଦିବସ ପରିଚାଳନା ସମିତି ପ୍ରସ୍ତୁତି ବୈଠକରେ ନିଷ୍ପତି ନିଆଯାଇଛି । ଆଜି ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ୟୁନିଟ-୨ ଦିବ୍ୟଜୀବନ ସଂଘ ପରିସରରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ପାଳନ ପ୍ରସ୍ତୁତି ବୈଠକରେ ପ୍ରାର୍ଥନା ଦିବସର ପରିଚାଳନା ଦିବସର ସଭାପତି ତଥା ପ୍ରଖ୍ୟାତ ଆଧ୍ୟାତ୍ମିକ ମାର୍ଗଦର୍ଶିକା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ କହିଥିଲେ ଯେ, ସମଗ୍ର ବିଶ୍ୱରେ ଅଶାନ୍ତି, ଅରାଜକତା ଓ ଅନ୍ଧବିଶ୍ୱାସ ବଢି ଚାଲିଥିବା ବେଳେ ସେଥିରୁ ରକ୍ଷା ପାଇବା ଓ ଏକ ଶାନ୍ତିପୂର୍ଣ୍ଣ ସମାଜ ଗଠନ ପାଇଁ ସମୂହ ପ୍ରାର୍ଥନା ଶ୍ରେଷ୍ଠ ଶକ୍ତି । ସେଥିପାଇଁ ଜାନୁୟାରୀ ମହିଳା ଦିନ ସମସ୍ତେ ନିଜ ନିଜ ଧର୍ମର ଆରାଧ /ଇଷ୍ଟଙ୍କୁ ଘଂଟାଟିଏ ପ୍ରାର୍ଥନା କରିବେ । ଶ୍ରୀମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ଦିବସ ପାଳନ ପ୍ରସ୍ତୁତି ବୈଠକରେ ଗାୟତ୍ରୀ ପରିବାରର ରଜନୀ ରାଣୀ ରାଜବଂଶୀ, ସୁଶୀଲ ଦେବଶର୍ମା, ବ୍ରହ୍ମକୁମାରୀ ରାଜ ଯୋଗିନୀ, ଗୀତା ଭଉଣୀ, ଅହମଦୀୟା ମୁସଲିମ ସମ୍ପ୍ରଦାୟର ମୌଲବୀ ଫଜଲ ହକ ଖାନ, ବୈକୁଣ୍ଠ ପରିବାରର ବାବାଜୀ ବାଳକାନନ୍ଦ ଦାସ, ଦିବ୍ୟଜୀବନ ସଂଘର ସ୍ୱାମୀ ଧର୍ମ ପ୍ରକାଶ ନନ୍ଦ ସରସ୍ୱତୀ, ରାମକୃଷ୍ଣ ମଠର ସ୍ୱାମୀ ଅଧ୍ୟାନନ୍ଦ ଦାସ, ବାଟ ଶ୍ରୀକ୍ଷେତ୍ର ଡ. ଅଭୟ ନାୟକ, ଜଗନ୍ନାଥ ସଂସ୍କୃତି ପରିଷଦର ଉପସଭାପତି ରବି ମହାପାତ୍ର, ଭାରତ ବିକାଶ ପରିଷଦର ଓଡିଶା ପୂର୍ବ ପ୍ରାନ୍ତର ମହାସଚିବ ପ୍ରଦୀପ୍ତ କୁମାର ମହାରଣା, ଆଧ୍ୟାତ୍ମ ଗବେଷକ ହେମନ୍ତ କୁମାର ପରିଡ଼ା, ଡ. ବିଜୟ କୁମାର ସ୍ୱାଇଁ, ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, ଗବେଷକ ସୁଦର୍ଶନ ସାହୁ, ବରିଷ୍ଠ ସାମ୍ବାଦିକ ଅକ୍ଷୟ ପତି, ସାରଳା ମିଶ୍ର, ଡା ସରୋଜିନୀ ଯୋଶୀ, ଡା ମମି ପରିଜା, ଶୈଳରାଣୀ ମିଶ୍ର ଏବଂ ଅନ୍ନପୂର୍ଣ୍ଣା ଦାଶ ପ୍ରମୁଖ ଯୋଗଦେଇ ପ୍ରାର୍ଥନା ଦିବସ ପାଳନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଏହାକୁ ବିଶ୍ୱବ୍ୟାପୀ କରିବା ପାଇଁ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରି କାର୍ଯ୍ୟକ୍ରମକୁ ସଫଳ ହେବା ପାଇଁ ସଂକଳ୍ପ ନେଇଥିଲେ । ସଭା ପ୍ରାରମ୍ଭରେ ଶ୍ରୀମା' ପ୍ରାର୍ଥନା ଦିବସ ପାଳନର ମହତ୍ୱ ସମ୍ପର୍କରେ ଅବଗତ କରାଇବା ସହ ପ୍ରାର୍ଥନା ଦିବସ ପରିଚାଳନା ସମିତିର ସମ୍ପାଦକ ସଚ୍ଚିକାନ୍ତ ନାଥ ଗତ ୫ ବର୍ଷ ଧରି ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଆଗାମୀ କାର୍ଯ୍ୟକ୍ରମର ରୂପରେଖ ଉପସ୍ଥାପନ କରିଥିଲେ । ଶେଷରେ ଧନ୍ୟବାଦ ଦେଇଥିଲେ ଦିବ୍ୟ ଜୀବନ ସଂଘ ଶାଖା ସଭାପତି ରାଧାଶ୍ୟାମ ଦାସ । ସମାଜସେବୀ ତଥା ଆଧ୍ୟାତ୍ମିକ ସଂଯୋଜକ ମନୋରଞ୍ଜନ ମହାନ୍ତି ସମଗ୍ର କାର୍ଯ୍ୟକ୍ରମକୁ ବ୍ରହ୍ମଚାରୀ ନୃସିଂହ ଦାସ, ବିର୍ ରାଉତ, ପୁନମ ନାୟକ, ରଞ୍ଜିତ ଜେନା ପ୍ରମୁଖଙ୍କ ସହଯୋଗରେ ସ ାଳନ କରିଥିଲେ । ସ୍ଥାନୀୟ ଦିବ୍ୟଜୀବନ ସଂଘର ସମ୍ପାଦକ ରମେଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏବଂ ଅଭୟ ଓଝା, ରବି ମିଶ୍ର, ପଦ୍ମନାଭ ପାଣିଗ୍ରାହୀ, ବିପିନ ପରିଡ଼ା, ଶୈଳବାଳା ମହାନ୍ତି, ଆରତୀ ଆଚାର୍ଯ୍ୟ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପର୍ଣ୍ଣ ହୋଇଥିଲା ।

ପଦ୍ମପୁରରେ ବିଜେପିର ବିଜୟ ପାଇଁ ପୂଜାର୍ଚ୍ଚନା କଲେ ବିଜେପି ରାଜ୍ୟ ସଭାପତି

ଭୁବନେଶ୍ୱର ,୧୪/୧୧ (ନି.ପ୍ର): ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ରବିବାର ଦିନ ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ଙ୍କ ବିଜୟ ପାଇଁ ପୂଜା ପାଠ କରିଛନ୍ତି । ଆଜି ପାଇକମାଳ ସ୍ଥିତ ନୃସିଂହ ନାଥ ମନ୍ଦିର ଠାରେ ରାଜ୍ୟ ସଭାପତି ସମୀର ମହାନ୍ତି ଙ୍କ ସହିତ ରାଜ୍ୟ ର ବରିଷ୍ଠ ବିଜେପି ନେତା ମାନେ ଉପସ୍ଥିତ ରହି ବିଜୟ ପାଇଁ ପୂଜା ପାଠ କରିଥିବା ଜଣା ପଡିଛି ।

ଏହି ଅବସରରେ ସେ ପଦ୍ମପୁର ପାଇଁ ରାଜ୍ୟ ସରକାରଙ୍କ ପ୍ୟାକେଜକୁ ନେଇ ଟାର୍ଗେଟ କରିଛନ୍ତି । ପୂର୍ବରୁ ବିଜେପୁର ଉପନିର୍ବାଚନ ରେ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ୟାକେଜ ଘୋଷଣା କରି ଭୂୟାଁ ବୁଲାଇ ଥିବା ବେଳେ ବର୍ତମାନ ଲୋକେ ସବୁ ବୁଝି ସାରିଲେଣି ବୋଲି କହିଛନ୍ତି ।ଶ୍ରୀ ମହାନ୍ତି ପଦ୍ମପୁର ଉପ ନିର୍ବାଚନ ପରିପ୍ରେକ୍ଷୀରେ ପାଇକମାଳ ଠାରେ ନିର୍ବାଚନୀ କାର୍ଯ୍ୟାଳୟର ଉଦଘାଟନ ମଧ୍ୟ କରିଛନ୍ତି ।

ମହିଳା କଂଗ୍ରେସ ପକ୍ଷରୁ ମାଗଣା ଦନ୍ତଚିକିତ୍ସା ଶିବିର ଓ କମ୍ବଳ ବଂଟନ

ଭୁବନେଶ୍ୱର ,୧୪/୧୧ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୬୬ ନଂ ୱାର୍ଡରେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ବୈଜୟନ୍ତୀ ରାଣୀ ତ୍ରିପାଠୀଙ୍କ ଦ୍ୱାରା ଏକ ମାଗଣା ଦନ୍ତଚିକିତ୍ସା ଶିବିର ଏବଂ କମ୍ବଳ ବଂଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଠାରେ ୬୬ ନଂ ୱାର୍ଡ଼ ଏବଂ ଆଖପାଖ ଅଂଚଳରର ଗରିବ ଲୋକେ ଦନ୍ତ ଚିକିତ୍ସା କରାଇଥିଲେ । ଭିନ୍ନକ୍ଷମ ଏବଂ ଗରିବ ଲୋକମାନେ ମଧ୍ୟ ଏଠାରୁ କମ୍ବଳ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ତ୍ରିପାଠୀ କହିଥିଲେ ଯେ ବେକାର ଯୁବକ ଯୁବତୀ ମାନଙ୍କୁ ଧନ୍ଦାମୂଳକ ଶିକ୍ଷାର ତାଲିମ ଦିଆଯାଇ କିପରି ସ୍ୱାବଲମ୍ବି କରାଯିବ ସେଥିପାଇଁ ଉଦ୍ୟମ ଜାରି ରହିଛି । ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଜୟଦେବ ଜେନା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଥିଲେ ଯେ କଂଗ୍ରେସ ସର୍ବଦା ସାଧାରଣ ଲୋକଙ୍କ ସହିତ ଅଛି । ଲୋକଙ୍କର ନ୍ୟାର୍ଯ୍ୟଦାବୀ ପାଇଁ ଲଢ଼େଇ କରୁଛି ଏବଂ ଦୁର୍ନୀତି, ଭ୍ରଷ୍ଟାଚାର ଓ କୁଶାସନ ବିରୋଧରେ ଧାରାବାହିକ ସଂଗ୍ରାମ କରୁଛି । ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହଯୋଗରେ ସେ ରଘୁନାଥ ନଗର ସ୍ଥାପନ କରିବାକୁ ସକ୍ଷମ ହୋଇପାରିଥିଲେ । ଏଠାରେ କଂଗ୍ରେସ ସରକାର ଏଠାରେ ସସ୍ତଙ୍କୁ ସ୍ଥାୀ ଯାଗାଦେଇଛି । ମାତ୍ର ନବୀନ ସରକାର ଯେଉଁ ଜାଗାମିଶନ କଥା କହୁଛନ୍ତି ତାହା ଠିକ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନି । ଏଠାରେ ସରକାରୀ ଯୋଜନାର ରୂପାୟନରେ ପାତର ଅନ୍ତର କଲେ ଭୟଙ୍କର ଭାବେ ବିରୋଧ କରାଯିବ ବୋଲି ସେ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନଓ୍ୱାଜ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ରଘୁନାଥ ନଗରର ସାଧାରଣ ଜନତାଙ୍କ ପାଇଁ ଆମେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛୁ । ଲୋକଙ୍କ ହୃଦୟରେ ଅଛୁ । ସରକାରୀ ଅପାରଗତା, ଉଦାସୀନତା ଓ ପକ୍ଷପାତିତା ବିରୋଧରେ ଲଢ଼େଇ କରାଯିବ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେଅସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ପ୍ରକାଶ ମିଶ୍ର, ମହମ୍ମଦ ଗୁଲଫାମ, ସେକ ଅପତାବ ଅଲ୍ଲୀ, ପ୍ରଭାତ ବାରିକ, ନିଆଜୁଲ ଇସଲାମ, ସମିଉଲ ହକ, ମିହିର ଦାସ ପ୍ରମୁଖ ଅଂଶଗ୍ରହଣ କର

ବିପଦରେ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଏପଟେ ନ୍ୟାୟ ମିଳୁନି, ସେପଟେ ସ୍ୱାମୀ ଓ ପିଲାଙ୍କ ଠାରୁ ବିତାଡ଼ିତ ଅନ୍ୟ ପଟେ ଥାନା ଅଧିକାରୀ ସୁଧିର ସାହୁ ଟଙ୍କା ଖାଇ ଗୁଣ୍ଡାଙ୍କ ପରି ଏହି ମହିଳାଙ୍କ ଉପରେ ଅନ୍ୟମାନେ ଅତ୍ୟାଚାର କରିବା ପାଇଁ ପ୍ରୋତ୍ସାହନ ଯୋଗାଉଛନ୍ତି। ତାଙ୍କରି ପୃଷ୍ଠପୋଷକତାରେ କମିସନରେଟ ପୋଲିସର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ନାରୀ ନିର୍ଯାତନା, ବଧୁହତ୍ୟା ଓ ବିଭିନ୍ନ ଦୁର୍ଭାଗ୍ୟ ଜନକ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ପରିସ୍ଥିତିରେ ରହିଛି। ଭୁବନେଶ୍ୱର ପରି ଶାସନ ମୁଖ୍ୟଙ୍କ କ୍ଷମତା କେନ୍ଦ୍ର ପାଖରେ ଯଦି ଏହିପରି ଘଟଣା ସେମାନଙ୍କ ନାକ ନିଶ ତଳେ ଘଟୁଛି ତାହାହେଲେ ଓଡ଼ିଶାର ଅନ୍ୟ ଅଞ୍ଚଳର କଥା କ'ଣ ଘଯଉଥିବା ତାହା ବିଚାର କରିବା କଥା।

ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ଆସୁଛି ସରକାର। ମହିଳା ସଶକ୍ତ ହେବା ନିହାତି ଜରୁରୀ। ବୈଦିକ ପରମ୍ପରାରେ ନାରୀର ସ୍ଥାନ ପୁରୁଷ ସହ ସମାନ ଥିଲା। ତେଣୁ ନବୀନ ସରକାର ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ଗ୍ରହଣ କରି ଆସୁଥିବା ପଦକ୍ଷେପକୁ ନେଇ ଭିନ୍ନ ମତ ରହିନପାରେ। ସରକାରଙ୍କୁ ବିରୋଧ କରୁଥିବା କୌଣସି ଦଳ ମଧ୍ୟ ଚାହିଁବେ ନାହିଁ ଯେ ଓଡ଼ିଶାର ମହିଳା ସଶକ୍ତ, ସ୍ୱାବଲମ୍ବୀ ଏବଂ ସମାଜ ପ୍ରତି ଉତ୍ତରଦାୟୀ ନହୁଅନ୍ତୁ। କିନ୍ତୁ ଯେତେବେଳେ ଆମେ ବଳାତ୍କାର ଓ ଅନ୍ୟ ଯୌନ ଶୋଷଣ ହାର ଦେଖୁଛୁ, ସେତେବେଳେ ହୃଦବୋଧ ହେଉଛି ଯେ ସଶକ୍ତିକରଣ ନାମରେ ମହିଳାଙ୍କୁ ଏକ ଭୋଟ ବ୍ୟାଙ୍କ ଭାବେ ଉପଯୋଗ କରୁଛନ୍ତି ସରକାର। ନିର୍ବାଚନ ବେଳେ ସେମାନଙ୍କୁ କିଭଳି ଶାସକ ଦଳ ସପକ୍ଷରେ ବିନିଯୋଗ କରାଯାଇପାରିବ ତାହା ହିଁ ଏକମାତ୍ର ଆଭିମୁଖ୍ୟ ହୋଇଯାଇଛି। ସାମାଜିକ ଏବଂ ଆର୍ଥିକ ଉନ୍ନତି ପାଇଁ ସରକାର ପର୍ଯ୍ୟାପ୍ତ ଅର୍ଥ ଯୋଗାଇ ଦେଉଛନ୍ତି। କିନ୍ତୁ ସାମାଜିକ ନିରାପତ୍ତା କାହିଁକି ବଡ଼ ବିପଦମୁଖୀ? ସଶକ୍ତ ମହିଳା ବଳାତ୍କାରୀମାନଙ୍କର ମୁକାବିଲା ପାଇଁ କାହିଁକି ଆଗେଇ ଆସିପାରିନାହାନ୍ତି? ସାମାଜିକ ସଚେତନତାର ଅଭାବ ରହୁଛି କେଉଁଠି? ଠିକ୍ ସେହିପରି ଓଡ଼ିଶାରେ ମହିଳା ମାନଙ୍କୁ ନୂଆ ଭୋଟ ବ୍ୟାଙ୍କ ଭାବେ ବିବେଚନା କରାଯିବା ଭିତରେ ସେମାନଙ୍କୁ ସମ୍ପୂର୍ଣ୍ଣ ଅସହାୟ ଓ ଅସୁରକ୍ଷିତ କରିଦେଇଛନ୍ତି ସରକାର। ଏହି ନିର୍ମମ ସତ୍ୟକୁ ସ୍ୱୀକାର କରିବାକୁ ପଡ଼ିବ। ଓଡ଼ିଶା ଭଳି ଏକ ପ୍ରଦେଶରେ, ଯେଉଁଠି ଜନତା ଶାନ୍ତିପ୍ରିୟ, ସେଠାରେ ମହିଳାମାନଙ୍କର ପ୍ରତି ଦୃଷ୍ଟିଭଙ୍ଗୀ ଏଭଳି ବଦଳି ଯାଉଥିବା ପଛର କାରଣ ରାଜନୀତି ନୁହେଁ ତ? ଗୋଟିଏ ପଟେ କନ୍ୟାସନ୍ତାନର ସୁରକ୍ଷା ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଭ୍ରୂଣ ହତ୍ୟା ବିରୋଧରେ ସରକାର ଅତ୍ୟନ୍ତ କଠୋର। ଶିକ୍ଷା ଠାରୁ ଆରମ୍ଭ କରି ସେମାନଙ୍କୁ ସାମାଜିକ ସ୍ୱୀକୃତି ପ୍ରଦାନ କରିବା ସର୍ବୋପରି ପଞ୍ଚାୟତରୁ ସଂସଦ ଯାଏ ମହିଳାଙ୍କୁ ରାଜନୀତିରେ ଅଗ୍ରାଧିକାର ଦେବା ଲାଗି ଠୋସ ଅଭିଯାନ ଆରମ୍ଭ ହେଲାଣି। ଏସବୁ ପ୍ରମାଣ କହୁଛି ଯେ ସରକାର ନାରୀ ସୁରକ୍ଷା ଦିଗରେ ବେଶ ସଚେତନ ଅଛନ୍ତି। ହେଲେ ନାରୀ ଯେ ଆଉ କାହାର ଦୋଷ, ଦୁର୍ବଳତା ତଥା ଉଦାସୀନତା ଲାଗି ଭୀଷଣ ବିପଦରେ ଏବଂ ତାର ସୁରକ୍ଷା ଅତି ବିପନ୍ନ ଅବସ୍ଥାରେ ପହଞ୍ଚିଲାଣି ଏକଥା ସମ୍ଭବତଃ ସରକାର ଠଉରାଇ ପାରିନାହାନ୍ତି। ଅନ୍ୟଥା ଏ ପରିସଂଖ୍ୟାନ ବଢ଼ନ୍ତା କେମିତି?

+ପୂର୍ବତନ ଅବସରପ୍ରାପ୍ତ ଆୟୁକ୍ତ ନେସନାଲ କ୍ରାଇମ ରେକର୍ଡ଼ସ୍ ସୋସାଇଟି, ୧୧୭ଏ, ଶହୀଦ ନଗର, ଭୁବନେଶ୍ୱର

ନାମାଙ୍କନ ଦାଖଲ କଲେନି ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ

ପଦ୍ମପୁର/ଭୁବନେଶ୍ୱର, ୧୪ ନଭେମ୍ବର - ପଦ୍ମପୁର ଉପନିର୍ବାଚନରେ ବିଜେପିର ପ୍ରାର୍ଥୀ ହୋଇଥିବା ପ୍ରଦୀପ ପୁରୋହିତ ନାମାଙ୍କନ ପତ୍ର ଦାଖଲକରିବାକୁ ଯାଉଥିବା ବେଳେ ସେଥିରୁ ବିରତ ରହିଛନ୍ତି। ଆଜିକୁ ୯ ମାସ ହେଲାଣି ସମଗ୍ର ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଚାଷୀ ଭାଇମାନେ ଇନପୁଟ ସବସିଡ୍ ଓ ଫସଲ ବୀମାରେ କ୍ଷତିପୂରଣ ପାଇବା ଦାବିରେ ରାଜ ରାସ୍ତାରେ । ସେହିଭଳି ପଦ୍ମପୁରକୁ ଏକ ନୂତନ ଜିଲ୍ଲା ଘୋଷଣା ଦାବିରେ ମଧ୍ୟ ସ୍ଥାନୀୟ ଓକିଲ ସଙ୍ଘ ଓ ଅନ୍ୟାନ୍ୟ ସାମାଜିକ ସଙ୍ଗଠନମାନେ ଆନ୍ଦୋଳନ ଚଲାଇ ଆସିଛନ୍ତି । ସେମାନେ ପଦ୍ମପୁର ଉପନିର୍ବାଚନରେ ସାମିଲ ନହେବା ପାଇଁ ଡାକରା ଦେଇଛନ୍ତି ।ଆଜି ପଦ୍ମପୁର ଉପନିର୍ବାଚନରେ ବିଜେପିର ପ୍ରାର୍ଥୀ ହୋଇଥିବା ପ୍ରଦୀପ ପୁରୋହିତ ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଥିବା ବେଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଆନ୍ଦୋଳନକାରୀମାନେ ଶ୍ରୀ ପୁରୋହିତଙ୍କୁ ନାମାଙ୍କନ ପତ୍ର ଦାଖଲ ନକରିବା ପାଇଁ ଅନୁରୋଧ କରିଥିଲେ ଯାହାକୁ ଶ୍ରୀ ପୁରୋହିତ ସମ୍ମାନ ଦେଇ ନାମାଙ୍କନ ପତ୍ର ଦାଖଲ କରିନଥିଲେ । ପଦ୍ମପୁରରେ ଥିବା ଚାଷୀଙ୍କ ସମସ୍ୟା ଓ ନୂତନ ଜିଲ୍ଲା ଘୋଷଣା ଦାବି ଆନ୍ଦୋଳନ ସହିତ ଶ୍ରୀ ପୁରୋହିତ ବହୁ ଦିନରୁ ଜଡିତ ଅଛନ୍ତି । ନିଜେ ଶ୍ରୀ ପୁରୋହିତ ୨୦୧୮ରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ପଦ୍ମପୁରକୁ ଏକ ନୂତନ ଜିଲ୍ଲା ଭାବରେ ଘୋଷଣା କରାଯାଉ ବୋଲି ଦାବି କରିଥିଲେ ହେଲେ ରାଜ୍ୟ ସରକାର ସେକଥା ଶୁଣିନଥିଲେ। ସେହିଭଳି ବିଧାନସଭାରେ ୨୦୧୪ ରୁ ୨୦୧୯ମସିହା ଭିତରେ ମଧ୍ୟ ଏନେଇ ବାରମ୍ବାର ଦାବି ଉଠାଇ ଆସିଥିଲେ ପ୍ରଦୀପ ପୁରୋହିତ । ଏହାପରେ ୨୦୧୯ମସିହାରୁ ବିଧାନସଭାରେ ବିଜେଡିର ବିଧାୟକ ଏନେଇ କୌଣସି ଦାବି ରଖିନଥିଲେ । ନାମାଙ୍କନ ଦାଖଲ କରିବା ପାଇଁ ବିଜେପି ପୁରା ପ୍ରସ୍ତୁତ ଥିବା ସତ୍ତ୍ୱେ ଏହି ଦୁଇ ଜନସମସ୍ୟାର ସମାଧାନ ପାଇଁ ଚାଲିଥିବା ଆନ୍ଦୋଳନକାରୀମାନଙ୍କର କଥାକୁ ମାନି ଶ୍ରୀ ପୁରୋହିତ ଆଜି ନାମାଙ୍କନ ଦାଖଲ କରିନାହାନ୍ତି ।

କଂଗ୍ରେସ ପକ୍ଷରୁ ନେହେରୁ ଜୟନ୍ତୀ ପାଳିତ

ଭୁବନେଶ୍ୱର,୧୪/୧୧ : (ନି.ପ୍ର) ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କର ପବିତ୍ର ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ କଂଗ୍ରେସ ନେତୃବୃନ୍ଦ ସକାଳେ ମାଷ୍ଟରକ୍ୟାଂଟିନ ଛକ ନେହେରୁ ପାର୍କ ସ୍ଥିତ ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ନେହେରୁଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଡ. ଲଲାଟେନ୍ଦୁ ମହାପାତ୍ର, ଚିନ୍ମୟ ସୁନ୍ଦର ଦାସ, ଅମିୟ କୁମାର ପଟ୍ଟନାୟକ, ରସିକ ପଟ୍ଟନାୟକ, ରଜନୀ ମହାନ୍ତି, ଲିଙ୍ଗରାଜ ସାହୁ, ମାନସ ଆଚାର୍ଯ୍ୟ, ଆଲୋକ ମହାନ୍ତି, ସଂଜୟ ମିଶ୍ର, ସଂକୁନା କହଁର, ପ୍ରମୁଖ ବହୁ କଂଗ୍ରେସ କର୍ମୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS) DIVISION-I
AT/PO- PADHUANPADA , BALASORE
CONTACT NO :- 06782262045
E Mail ID :- ee_blsrb@yahoo.co.in

BID INVITATION NO. SE (R and B) BLS-Divn-1- 45/ 2022-23
Letter No 9544 Date 11.11.2022

1	The Superintending Engineer , Balasore (R & B) Division-I , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for road and Building works		
2	No. of Work	:	4 Nos
3	Nature of work :	:	Building & Road works of Balasore (R&B)Division-I
4	Class of Contractor :	:	"D","C"& "B" Class
5	Approx. value of work	:	Rs. 5.08 Lakh & 39.82 Lakh
6	Tender Cost. : .	:	Rs. 4000/- & 6,000/-
7	Availability of Bid Documents in the website :	:	**From 10.00 Hours of dt. 15.11.2022 to 16:00 hours of dt. 25.11.2022**
8	Date of Opening of Bid :	:	Dt. **28.11.2022** at 11:00 Hours
9	Other details can be seen in the Bidding documents from the website : https://tendersorissa.gov.in.		

Superintending Engineer
Balasore (R&D) Division-1

OIPR : 34157/11/0013/2223

ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭୁବନେଶ୍ୱର, ୧୪/୧୧ : (ନି.ପ୍ର) ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ତରଫରୁ ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦ ଓ ନିଯୁକ୍ତି ଦିନଠାରୁ ନିୟମିତ ହେବା ପର୍ଯ୍ୟନ୍ତ ଠିକା କାର୍ଯ୍ୟକାଳକୁ ଇନ୍‌କ୍ରିମେଂଟ ଦେଇ ଗଣନା କରିବା, ସମସ୍ତ ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦେବା ଓ ନୂତନ ପେନସନ ଉଚ୍ଛେଦ କରି ପୁରୁଣା ପେନସନ ଲାଗୁ କରିବା, ୩ ଦଫା ଦାବି ପୂରଣ ନିମନ୍ତେ ଆଜି ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ଗଣଶିକ୍ଷା ମନ୍ତ୍ରୀ ଓ ଗଣଶିକ୍ଷା ସଚିବ ଏବଂ ନିର୍ଦ୍ଦେଶକ, ଏଲିମେଂଟାରୀ ଏଜୁକେଶନକୁ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ରାଜେଶ କୁମାର ମହାନ୍ତି, ବ୍ରହ୍ମାନନ୍ଦ ମହାରଣା, ସୁଶାନ୍ତ କୁମାର ବେହେରା, ବଙ୍କିମ ଚନ୍ଦ୍ର ସାଗର, ବିଭୂପ୍ରସାଦ ସାହୁ ଓ ଖଗେନ୍ଦ୍ର ନାଥ ପାଲ ପ୍ରମୁଖ ୬ଜଣିଆ ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ତୁରନ୍ତ ଦାବି ପୂରଣ ନକଲେ ଆଗାମୀ ବିଧାନସଭା ଅଧିବେଶନରେ ବିଧାନସଭା ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। ଶିକ୍ଷା କ୍ଷେତ୍ରରେ ଯେଉଁ ସମସ୍ୟା ଉପୁଜିବ, ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଏକ ମିଳିତ ବିବୃତିରେ ମହାସଂଘର ସଦସ୍ୟମାନେ କହିଛନ୍ତି।

ଭୁବନେଶ୍ୱରରେ ଆୟୋଜିତ ହେବ ଜନଜାତୀୟ ଗୌରବ ଦିବସ : ଯୋଗ ଦେବେ କେନ୍ଦ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ

ଭୁବନେଶ୍ୱର, ୧୪/୧୧ : (ନି.ପ୍ର) ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଘୋଷଣାକ୍ରମେ ମହାନ ଜନଜାତି ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ନଭେମ୍ବର ୧୫ ତାରିଖକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଉଛି। ଏହି କ୍ରମରେ ଭୁବନେଶ୍ୱରସ୍ଥିତ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଜନଜାତୀୟ ଗୌରବ ଦିବସ ଆୟୋଜନ କରାଯିବ । ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ କେନ୍ଦ୍ର ସଂସଦୀୟ ବ୍ୟାପାର ଓ ସଂସ୍କୃତି ରାଷ୍ଟ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ। ଏହାଛଡ଼ା ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ସମାରୋହରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଉମା ନନ୍ଦୁରୀ, ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ, ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ରାଜ୍ୟ ଆଇନ, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଜନଜାତି ଉଦ୍ୟମୀ ଏବଂ ସଫଳ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। କିସ ଛାତ୍ରଛାତ୍ରୀଙ୍କ ଦ୍ୱାରା ଜନଜାତି ନୃତ୍ୟ ପରିବେଷଣ କରାଯିବ । ବିଶିଷ୍ଟ ଜନଜାତି ଅତିଥି କଳାକାର ମାନେ କାର୍ଯ୍ୟକ୍ରମ ଅବସରରେ ଢେମସା ନୃତ୍ୟ ପରିବେଷଣ କରିବେ ।

ପୂର୍ବତଟ ରେଳପଥ ପରିଚାଳିତ ଫୁଲୱାରୀ ସ୍କୁଲରେ ଶିଶୁ ଦିବସ ପାଳିତ

ଭୁବନେଶ୍ୱର, ୧୪/୧୧ : (ନି.ପ୍ର) ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ପରିଚାଳିତ ଫୁଲୱାରୀ ବିଦ୍ୟାଳୟ ଠାରେ ଆଜି ଶିଶୁ ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଇକୋରୋ ର ସଭାପତି ଶ୍ରୀମତୀ ରାଧା ସୁନକର ସଂଗଠନର ଅନ୍ୟ ସଦସ୍ୟ ମାନଙ୍କ ଉପସ୍ଥିତିରେ ପିଲାମାନଙ୍କୁ ଉପହାର ବଂଟନ କରିଥିଲେ । ଏହି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଲକ୍ଷେ ଦୀପଶିଖାରେ ଝଲସିବ ପୁରୀ ବଡ଼ଦାଣ୍ଡ

ଭୁବନେଶ୍ୱର, ୧୪/୧୧ : (ନି.ପ୍ର) - ଚଳିତ ବର୍ଷ ମହାମାରୀ ମୁକ୍ତ ବିଶ୍ୱ ପାଇଁ ଏବଂ ଜଗତ୍‌କଲ୍ୟାଣ ପାଇଁ ବଡ଼ଦାଣ୍ଡରେ ଦେବ ଦୀପାବଳୀ ପବିତ୍ର ସନ୍ଧ୍ୟାରେ ପୁନର୍ବାର ଦୀପାଞ୍ଜଳି କାର୍ଯ୍ୟକ୍ରମ ଅନ୍ତର୍ଗତ ଆସନ୍ତା ନଭେମ୍ବର ୨୩ ତାରିଖ ବୁଧବାର ଦିନ ସନ୍ଧ୍ୟା ୫ ଘଟିକାରୁ ୭ ଘଟିକା ମଧ୍ୟରେ ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଦୀପ ଲଗାଯିବ । ଓଡ଼ିଶା ଇଂଟରନ୍ୟାସ୍‌ନାଲ୍ ସେଂଟର ପକ୍ଷରୁ ଆଜି ଭୁବନେଶ୍ୱରସ୍ଥିତ ସାମ୍ବାଦିକ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦୀପଦାନ କାର୍ଯ୍ୟକ୍ରମର ଅଧ୍ୟକ୍ଷ ଓଡ଼ିଶାର ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ତଥା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଉପକୁଳପତି ଡକ୍ଟର (ପ୍ରଫେସର) ଅଶୋକ କୁମାର ମହାପାତ୍ର, ଉପାଧ୍ୟକ୍ଷ ତଥା ବିଶିଷ୍ଟ କବି ଓ ସମାଜସେବୀ ଶଙ୍କର ପରିଡ଼ା ଏବଂ ଦୀପଦାନ କମିଟିର ବରିଷ୍ଠ ଉପଦେଷ୍ଟା ତଥା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଏହି ସୂଚନା ଦେଇଛନ୍ତି । ଛତିଶା ନିଯୋଗର ସେବାୟତମାନଙ୍କ ତତ୍ତ୍ୱାବଧାନରେ ଶ୍ରୀମନ୍ଦିର ଭିତରୁ ଦୀପ ଆସି ବଡ଼ଦାଣ୍ଡରେ ଦୀପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଦୀପଦାନ କାର୍ଯ୍ୟକ୍ରମ ପାଇଁ ୫୦ଟିଣ ଘିଅ ଓ ୧୦୦ ଟିଣ ତେଲ ବ୍ୟବହାର କରାଯିବ । ବିଭିନ୍ନ ମହାମାରୀରୁ ମାନବ ଜାତିକୁ ରକ୍ଷା କରିବା ପାଇଁ ନଭେମ୍ବର ୨୩ ତାରିଖ ଦିନ ପୂର୍ବାହ୍ନ ୧୦ଘଟିକା ସମୟରେ ପୁରୀ ବଡ଼ଦାଣ୍ଡସ୍ଥିତ ଗୁଣ୍ଡିଚା ମନ୍ଦିର ନିକଟ ରାଣୀସତୀ ମଣ୍ଡପଠାରେ ଶ୍ରୀ ଅଚ୍ୟୁତାୟ ନମଃ ଶ୍ରୀ ଅନନ୍ତାୟ ନମଃ ଏବଂ ଶ୍ରୀ ଗୋବିନ୍ଦାୟ ନମଃ ମନ୍ତ୍ର ୧୦۸ଥର ଜପ କରିବା ସହିତ ଅଗ୍ନିହୋତ୍ର ଯଜ୍ଞର ଆୟୋଜନ କରାଯିବ । ଉକ୍ତ ଦିନ ରାଜ୍ୟର ସମସ୍ତ ଜଗନ୍ନାଥ ମନ୍ଦିରରେ ଦୀପଦାନ କରିବାକୁ କାର୍ଯ୍ୟକ୍ରମର ସଭାପତି ଶ୍ରୀଯୁକ୍ତ ରମେଶ କୁମାର କେଜିରୱାଲ୍ ଅନ୍ୟତମ ବରିଷ୍ଠ ଉପଦେଷ୍ଟା ପ୍ରଶାନ୍ତ କୁମାର ସାହୁ, ସାମ୍ବାଦିକ ସମ୍ମିଳନୀରେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଦିଲ୍ଲୀରେ ଛାତିଥରା...

କଥା କଟାକଟି ପରେ ତଂଟି ଚିପି ଅତି ନିର୍ମମ ଭାବେ ଶ୍ରଦ୍ଧାଙ୍କୁ ହତ୍ୟା କରିଥିଲା ଅଫତାବ । ଶ୍ରଦ୍ଧାଙ୍କୁ ହତ୍ୟା କରିବା ପରେ ପାପ ଲୁଚାଇବାକୁ ସାଂଘାତିକ ଷଡ଼ଯନ୍ତ୍ର ରଚିଥିଲା ଅଫତାବ । ଶ୍ରଦ୍ଧାଙ୍କ ମୃତଦେହକୁ ୩୫ ଖଣ୍ଡ କରି କାଟି ଦେଇଥିଲା । ୩୦୦ ଲିଟରର ଫ୍ରିଜ୍ କିଣି ସେଥିରେ ଲୁଚାଇ ରଖିଥିଲା । ରାତି ଅଧରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ କିଛି ମାଂସ ଖଣ୍ଡ ଫିଙ୍ଗିଥିଲା । ପାଖାପାଖି ଦେଢ଼ ମାସ ଧରି ପ୍ରତ୍ୟେକ ଦିନ ଏହି କାମ କରୁଥିଲା ଜହ୍ଲାଦ ଅଫତାବ । ଭାବୁଥିଲା, ତା'ର ପାପ ସବୁ ଦିନ ପାଇଁ ଲୁଚିଯିବ । କେହି ଏହାର ଟେର୍ ପାଇବେ ନାହିଁ । ୬ ମାସ ହେବ ଶ୍ରଦ୍ଧାଙ୍କ ସଂପର୍କରେ କିଛି ସୂଚନା ନପାଇ ଚିନ୍ତାରେ ପଡି ଯାଇଥିଲେ ପରିବାର ଲୋକ । ଏ ନେଇ ମୁମ୍ବାଇ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ମୁମ୍ବାଇ ପୁଲିସର ସୂଚନା କ୍ରମେ ନଭେମ୍ବର ୮ ତାରିଖରେ ଦିଲ୍ଲୀ ମରୌଲି ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଥିଲା । ଏହା ପରେ ସତ ସାମ୍ନାକୁ ଆସିଥିଲା । ହତ୍ୟାକାଣ୍ଡର ପୂରା କାହାଣୀ ଜାଣିବା ପରେ ଚକିତ ହୋଇ ଯାଇଥିଲେ ତଦନ୍ତକାରୀ ଅଧିକାରୀ । ୬ ମାସର ଲୁଚକାଳି ଖେଳ ପରେ ଅଭିଯୁକ୍ତ ଅଫତାବକୁ ବାନ୍ଧିଛି ପୁଲିସ । ଜେରା ବେଳେ ପୁଲିସ ଅଗରେ ସତ ମାନିଯାଇଛି ଅଫତାବ ।

ଏଏସଓ ପରୀକ୍ଷା ମାମଲାରେ...

ପରୀକ୍ଷାଫଳ ଆସିବା ପରେ ପରିକ୍ଷାର୍ଥୀ ଅସନ୍ତୋଷ ପ୍ରକାଶ କରି ଓପିଏସସି ନିକଟରେ ଅଭିଯୋଗ କରିଥିଲେ । ସ୍ୱଚ୍ଛତାର ସହ ପରୀକ୍ଷା କରାଯାଇଥିବା ନେଇ ଓପିଏସସି ଅଧକ୍ଷ କହିବା ପରେ ହାଇକୋର୍ଟଙ୍କ ନିକଟରେ ଗୁହାରି କରିଥିଲେ ପରୀକ୍ଷାର୍ଥୀ । ଏବେ ହାଇକୋର୍ଟଙ୍କ ରାୟକୁ ଅପେକ୍ଷା ରହିଛି । ରାୟ ଆସିବା ପରେ ଓପିଏସସି କି ପଦକ୍ଷେପ ନେଉଛି, ତା ଉପରେ ରହିଛି ସମସ୍ତଙ୍କ ନଜର ।

ଅର୍ଚ୍ଚନା ମାମଲାରେ...

କଂଗ୍ରେସ ବିଧାୟକ ନରସିଂହ ମିଶ୍ର କହିଛନ୍ତି, ପୁଲିସ ଦୋଷୀକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ଦାୟୀ । ଯାହାକୁ ପୁଲିସ ଛାଡି ଦେଇଥିଲେ, ଇଡି ତାକୁ ଗିରଫ କଲା କେମିତି? କିଛି ତ ପ୍ରମାଣ ନିଶ୍ଚିତ ଭାବେ ଥିଲା । ଚିଟଫଣ୍ଡ ଦୁର୍ନୀତି ଯେଭଳି ହେଲା ଏହି ମାମଲା ବି ସେଭଳି ନ ହେଉ । ଏ ବିଷୟ ଯିଏ ବିଧାନସଭାରେ ଉପସ୍ଥାପିତ ନ କରିବ, ତାର ସଂପୃକ୍ତି ଅଛି ବୋଲି ଧରାପଡିବ ବୋଲି କହିଛନ୍ତି ନରସିଂହ ।

କୃଷିବିଜ୍ଞାନ କେନ୍ଦ୍ର ଦ୍ୱାରା ଜଳଶକ୍ତି ଅଭିଯାନ

ମଙ୍ଗଳବାର, ନଭେମ୍ବର ୧୫, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଭଦ୍ରକ କେନ୍ଦ୍ରରେ ପୁସ୍ତକ ଲୋକାର୍ପଣ ପାଳିତ

ଭଦ୍ରକ,୧୪/୧୧ (ନି.ପ୍ର): ଭଦ୍ରକ ସହରରେ ଥିବା ପ୍ରଜାପିତା ବହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କେନ୍ଦ୍ରଠାରେ ଗତ ତା୧୩/୧୧/୨୦୨୨ରିଖରେ ବ୍ର.କୁ ଡା ରବୀନ୍ଦ୍ର ନାଥ ଓଝାଙ୍କ ଦୁଇଟି ପୁସ୍ତକ 'ମିମାଂସା' ପ୍ରଥମ ଓ ଦ୍ୱିତୀୟ ଭାଗ ବ୍ରହ୍ମାକୁମାର ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇ ଲୋକାର୍ପଣ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଡ. ବ୍ରଜ ମୋହନ ମିଶ୍ର, ମୁଖ୍ୟ ବକ୍ତା ଭାବରେ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ଅନ୍ୟତମ ବକ୍ତା ଭାବରେ ସେବାନିବୃତ ପ୍ରାଧ୍ୟପକ ସୋମନାଥ ଓଝା ଯୋଗଦାନ କରି ନିଜ ବକ୍ତବ୍ୟରେ କହିଲେଯେ କବିତା ଯୁଗେ ଯୁଗେ ସାହିତ୍ୟରେ ଏକ ସ୍ୱତନ୍ତ୍ର ଶିଳ୍ପ ହୋଇ ଛିଡ଼ା ହୋଇଛି । କବିତା ହୃଦୟରେ ଏକ ଭାବାବେଗ ସୃଷ୍ଟି କରେ । ଏହା କବିଙ୍କ ଦୁଇଟି ପୁସ୍ତକରେ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି । କବିତା ଗୁଡ଼ିକ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକତା ନେଇ ଆତ୍ମା ଓ ପରତ୍ମାଙ୍କ ବିଷୟରେ ଲେଖାଯାଇଛି । ପ୍ରାଧ୍ୟାପକ ବିଶ୍ୱ ରଞ୍ଜନ ଦାସ ଓ ଅଧ୍ୟାପିକା ଡ. ସୁକାନ୍ତି ମହାପାତ୍ର ପୁସ୍ତକ ଦୁଇଟିର ନିଖୁଣ ସମୀକ୍ଷା କରିଥିଲେ । ବ୍ରହ୍ମା କୁମାରୀ ଆଶ୍ରମର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ମଞ୍ଜୁବାଳା ଓ ନ୍ୟାୟଧୀଶ ଶ୍ରୀଯୁକ୍ତ ଦୁର୍ଗା ଶଙ୍କର ମିଶ୍ର ଆଲୋଚନାରେ ଭାଗ ନେଇଥିଲେ । ସଭା ଆରମ୍ଭରେ ବ୍ରହ୍ମାକୁମାର ସୌଭାଗ୍ୟ କୁମାର ଦାଶ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କଲାବେଳେ ସାହିତ୍ୟ ମନସ୍କ ବୈକୁଣ୍ଠ ବିଶ୍ୱାଳ ଅତିଥି ମାନଙ୍କ ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ । ମଞ୍ଚରେ ଥିବା ସମସ୍ତ ଅତିଥି ଏବଂ ସମସ୍ତ ବ୍ରହ୍ମାକୁମାରୀ ଭଉଣୀ ମାନଙ୍କୁ ନୂତନ ବସ୍ତ୍ର ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଅଧ୍ୟାପିକା ବ୍ରହ୍ମାକୁମାରୀ ପ୍ରତିଭା ଭଉଣୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା-୨୫ପ୍ରକଳ୍ପ ସ୍ଥାନିତ

ଖଇରା,୧୪/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗରସଙ୍ଗସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ସୋମବାର ଦିନ ପବିତ୍ର ଶିଶୁ ଦିବସ ପାଳନ ସହ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ମୋଟ ୨୫ଟି ପ୍ରକଳ୍ପ ସ୍ଥାନୀତ ହୋଇଥିଲା । ପ୍ରଥମେ ପ୍ରଥମ ପ୍ରଧାନମନ୍ତ୍ରୀ ଜବହାର ଲାଲ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଆୟୋଜିତ ମେଳାକୁ ବିଶିଷ୍ଟ ଶିକ୍ଷାବିତ କୃଷ୍ଣଚନ୍ଦ୍ର ଖିଲାର ଉଦ୍‌ଘାଟନ କରିଥିଲେ । ମୋଟ ୨୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିବା ବେଳେ ଜୁନିୟରରେ ସତ୍ୟପ୍ରକାଶ ଖିଲାର,ବର୍ଷାରାଣୀ ମହାପାତ୍ର ଓ ସଞ୍ଜୀବ ପାଣିଗ୍ରାହୀ ଏବଂ ସବଜୁନିୟରରେ ତପନ ଜେନା, ରୋହିତ ଜେନା ଓ ଗାୟତ୍ରୀ ବାରିକ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ଶିକ୍ଷାକେନ୍ଦ୍ରର ସଭାପତି ମଦନମୋହନ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅବିଭାବକ ମାନେ ଉପସ୍ଥିତ ଥିଲେ । ଦେବେନ୍ଦ୍ର ବାରିକ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ ।

ଶ୍ୟାମସୁନ୍ଦରପୁର କୃଷି ସମବାୟ ସମିତି ପକ୍ଷରୁ ୬୯ତମ ସମବାୟ ସପ୍ତାହ ପାଳିତ

ନୀଳଗିରି,୧୪/୧୧ (ନି.ପ୍ର): ଶ୍ୟାମସୁନ୍ଦରପୁର କୃଷି ସମବାୟ ସମିତି ପକ୍ଷରୁ ୬୯ତମ ସମବାୟ ସମିତି ପାଳନ କରାଯାଇଅଛି । ସମିତିର ସଭାପତି ମନୋରଂଜନ ଦାସ ପତାକା ଉତୋଳନ କରି ସମବାୟ ସପ୍ତାହ ଉଦ୍‌ଘାଟନ କରିଥିଲେ । ପରେ ଏକ ସଭାରେ ମୁଖ୍ୟ ଅତିଥି ଭାବେ ବଷିୟାନ କମ୍ୟୁନିଷ୍ଟ ନେତା କୈଳାସ ପଣ୍ଡା ଯୋଗ ଦେଇଥିଲେ । ଏହି ଅବସରରେ ବୋର୍ଡର ସଦସ୍ୟ ପୁରୁଷୋତମ ସେଠୀ, ଲକ୍ଷ୍ମୀଧର ସ, ଆଦିକନ୍ଦ ମଳିକ, ଭୋଳାନାଥ ମାଝୀ, ଜୟନ୍ତ କୁମାର ବେହେରା, ପ୍ରଫୁଲ୍ଲ ଦାସ, ପିତାମ୍ବର ଧାମୁଡ଼ିଆ, ମନୋରଂଜନ ରାଉତ, ବୃନ୍ଦାବନ ବାରିକ, ବାସନ୍ତିଲତା ସ, ସାରଥି ସିଂ, କ୍ରିଷ୍ଣାକାନ୍ତି ଦେବଗୋସ୍ୱାମୀ ଓ ୧୫ଜଣ ସଫଳ ଚାଷୀ ଉପସ୍ଥିତ ଥିଲେ । ସମବାୟ ସପ୍ତାହ ପାଳନ ବାବଦରେ ମନୋରଂଜନ ଦାସ ନିଜର ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସମିତିର ସମ୍ପାଦକ , ସହସମ୍ପାଦକ, ଓ କର୍ମଚାରୀ ଉପସ୍ଥିତ ଥିଲେ । ୧୫ଜଣ ସଫଳ ଚାଷୀଙ୍କୁ ମନୋରଂଜନ ଦାସ ସାଲ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ ।

ନେଉଳିଆ ଟୋଲ ଗେଟରେ ସ୍ଥାନୀୟ ଯୁବକଙ୍କ ନିଯୁକ୍ତି ଦାବି

୭ଦିନରେ ଦାବି ପୂରଣ ନହେଲେ ଜାତୀୟ ରାଜପଥ ଅବରୋଧ ଚେତାବନୀ

ଭଦ୍ରକ,୧୪।୧୧(ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥର ଭଣ୍ଡାରିପୋଖରୀ ନେଉଳିଆ ଠାରେ ନୂତନ ଭାବେ ସ୍ଥାପିତ ଟୋଲ ଗେଟର ୨୦ କିଲୋମିଟର ଭିତରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାକୁ ଦାବି କରିଛି ନେଉଳିଆ ଆଞ୍ଚଳିକ ପରିଷଦ। ସେହିପରି ଉକ୍ତ ଟୋଲ ଗେଟର ୨୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ସମସ୍ତ ଜନ ସାଧାରଣଙ୍କ ବସ୍, ଟ୍ରକ, କାର, ଟ୍ରାକ୍ଟର ଗୁଡ଼ିକର ସମ୍ପୂର୍ଣ୍ଣ ଭାବରେ ଟୋଲ ଟ୍ୟାକ୍ସ ଛାଡ଼ କରିବାକୁ ମଧ୍ୟ ପରିଷଦ ଦାବି କରିଛି। ଅନୁରୂପ କୁଶଗଡ଼ିଆ, ନେରଡ଼ା, ବନସ୍ତା, ତେସିଙ୍ଗା, ଆମ୍ବଗଡ଼ିଆ, ଝୁଟୁଣା, କପିଳ ଆଦି ଗ୍ରାମର ବାସିନ୍ଦା ଯେଉଁ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ପ୍ରତ୍ୟେକ ଦିନ ଯାତୟାୟାତ କରନ୍ତି ତାହାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବନ୍ଦ କରି ଦେଇଛନ୍ତି। ତେଣୁ ଏସମସ୍ତ ଅଞ୍ଚଳର ପଥାରୋହୀଙ୍କୁ ୫ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ବୁଲିକି ଯିବାକୁ ପଡୁଛି। ତେଣୁ ଏହି ରୋଡ ଡିଭାଇଡରକୁ ତୁରନ୍ତ ଖୋଲିବାକୁ ପରିଷଦ ପକ୍ଷରୁ ଦାବି ହୋଇଛି। ପରିଷଦର ସଦସ୍ୟ ଅଶୋକ କୁମାର ସ୍ୱାଇଁ, ବେଣୁଧର ସାହୁ, ରଜନୀକାନ୍ତ ଚାନ୍ଦ, ବିଜୟ ମହାନ୍ତି, ବିଜୟ ସ୍ୱାଇଁ, ବୃନ୍ଦାବନ ସ୍ୱାଇଁଙ୍କ ସମେତ ବହୁ ସ୍ଥାନୀୟ ଯୁବକ ଜିଲ୍ଲା ଓ ବରିଷ୍ଠ ନାଗରିକ କଂଗ୍ରେସ ସଭାପତି ସୁବ୍ରତ ଦାସଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ଭଦ୍ରକ ଜିଲ୍ଲାପାଳଙ୍କୁ ଆଜି ସୋମବାର ଅପରାହ୍ନରେ ପ୍ରଦାନ କରିଛନ୍ତି। ଯଦି ୭ ଦିନ ମଧ୍ୟରେ ଏହି ଦାବି ପୂରଣ ନ ହୁଏ, ତେବେ ଜାତୀୟ ରାଜପଥକୁ ଅବରୋଧ କରିବାକୁ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ପରିଷଦ ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁଯାୟୀ ନେଉଳିଆ ଠାରେ ନୂତନ ଭାବେ ଏକ ଟୋଲ ଗେଟ ସ୍ଥାପିତ ହୋଇଛି। ସ୍କାଇଲାର୍କ ଇନଫ୍ରା ଇଜିଂନିୟରିଂ କମ୍ପାନୀ ନାମକ ଏକ ସଂସ୍ଥା ଟୋଲ ଆଦାୟ ନିମନ୍ତେ ଟେଣ୍ଡର ନେଇଛି। ମାତ୍ର ପରିତାପର ବିଷୟ ହେଉଛି ଉକ୍ତ ଟୋଲ ଗେଟର ୨୦ କିଲୋମିଟର ପରିଧି ଭିତରେ ୮ଟି ପଞ୍ଚାୟତର ଶହଶହ ବେକାର ଯୁବକ ଯୁବତୀ କୌଣସି କାମ ଧନ୍ଦା ନ ପାଇ ଘରେ ବସିଥିବାବେଳେ, ସଂପୃକ୍ତ କମ୍ପାନୀ ବାହାର ଅଞ୍ଚଳରୁ ପିଲାମାନଙ୍କୁ ଆଣି ନିଯୁକ୍ତି ଦେଇଛି। ଯାହାକି ସ୍ଥାନୀୟ ଅଞ୍ଚଳରେ ଜନ ଆକ୍ରୋଶ ସୃଷ୍ଟି କରିଛି। ଏହାକୁ ପ୍ରଶମିତ କରିବାକୁ ଟୋଲ ଗେଟ ଅଞ୍ଚଳର ସମସ୍ତ ପଂଚାୟତର ବୁଦ୍ଧିଜୀବୀ, ଲୋକ ପ୍ରତିନିଧି, ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ଉନ୍ନୟନ ପରିଷଦ ଗଠନ କରାଯାଇଛି। ଏହି ପରିଷଦ ଆଜି ଜିଲ୍ଲାପାଳଙ୍କୁ ଭେଟି ଉପରୋକ୍ତ ଦାବି ଉପସ୍ଥାପନ କରିଛି।

ଦକ୍ଷିଣ ପ୍ରହରାଜପୁର ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତିକୁ ନେଇ ହଙ୍ଗାମା

ଜଳେଶ୍ୱର,୧୪/୧୧(ନି.ପ୍ର): ଆଜି ଦକ୍ଷିଣ ପ୍ରହରାଜପୁର ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୦ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ସରକାରଙ୍କ ନିୟମ ଅନୁଯାୟୀ ବିଧବା ମହିଳାଙ୍କୁ ଅଗ୍ରାଧିକାର ଦିଆଯିବାର ବ୍ୟବସ୍ଥା ରହିଛି । ୧୦ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଦୌପଦୀ ଘୋଷ(୪୦) ଜଣେ ମାତ୍ର ବିଧବା ପ୍ରାର୍ଥୀ ଥିବା ବେଳେ ଚୟନ ବେଳେ ସେ ଆବଶ୍ୟକ କାଗଜପତ୍ର ଦର୍ଶାଇନଥିଲେ । ଜଳେଶ୍ୱର ବ୍ଲକରେ ଆଇସିଡିଏସ୍ ବିଭାଗର ସିଡିପିଓ ନ ଥିବାରୁ ଏହି ଦାୟିତ୍ୱରେ ବିଡିଓ ପୁନମ୍ ରାଉତ ରହିଛନ୍ତି । ତାଙ୍କ ନିର୍ଦ୍ଦେଶରେ ସୁପର ଭାଇଜର ବିନତାମଣୀ ସିଂ, ସେକ୍ଟର ସୁପର ଭାଇଜର ସସ୍ମିତା ପଣ୍ଡା, ସଂଚୟିତା ବାରିକ, କନକଲତା ବାରିକ ପ୍ରମୁଖଙ୍କ ଉପସ୍ଥିତିରେ ଏପରି କାର୍ଯ୍ୟ ଚାଲୁଥିବା ବେଳେ କେତେକ ଗ୍ରାମବାସୀ ଦୌପଦୀଙ୍କୁ ଚୟନ କରିବାକୁ ଅଡି ବସିଥିଲେ । ଦୀର୍ଘସମୟ ଧରି କୌଣସ ନିର୍ଯ୍ୟାସ ନ ବାହାରିବାରୁ ଅଂଗନବାଡି କେନ୍ଦ୍ରରେ ହଙ୍ଗାମା ଲାଗି ରହିଥିଲା । ଶେଷରେ ଅଧିକାରୀମାନେ ଏହି ଚୟନକୁ ବାତିଲ କରିବା ସହିତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖିଥିବା ସୁପର ଭାଇଜର ଶ୍ରୀମତୀ ସିଂ କହିଛନ୍ତି ।

ନୀଳଗିରିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୭୬ତମ ଗଡ଼ଜାତ ମିଶ୍ରଣ ଉତ୍ସବ ପାଳିତ

ନୀଳଗିରି,୧୪/୧୧ (ନି.ପ୍ର): ନୀଳଗିରିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୭୬ତମ ଗଡ଼ଜାତ ମିଶ୍ରର ଉତ୍ସବ ପାଳନ କରାଯାଇଅଛି । ନୀଳଗିରି ପୂଜ୍ୟପୂଜା କମିଟି ପକ୍ଷରୁ ୭୭ତମ ଗଡ଼ଜାତ ମିଶ୍ରଣ ଉତ୍ସବ ବାଲିଗୋହିରୀସ୍ଥିତ ରତ୍ନାକର ଟାଉନ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଅମରେନ୍ଦ୍ର ମହାପାତ୍ର ମଂଚରେ ସଭାପତିତ୍ୱ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗ ଦେଇ ଗଡ଼ଜାତ ମିଶ୍ରଣ ବାବଦରେ ନିଜରର ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତା ଭାବେ ନୀଳଗିରି ର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ମଂଚାସୀନ ରହି ନୀଳଗିରି ଗଡ଼ଜାତ ସ୍ୱାଧୀନ ଭାରତରେ ପ୍ରଥମେ ମିଶ୍ରଣ ହୋଇଥିଲା ବୋଲି ନୀଳଗିରିରେ ଗଡ଼ଜାତ ମିଶ୍ରଣ ପର୍ବ ସେବେଠାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇଆସୁଛି । ସମ୍ମାନୀତ ଅତିଥି ଭାବେ ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ, ଏନ.ଏ.ସି. ର ଅଧ୍ୟକ୍ଷା ଅମ୍ବିକା ଦାସ, ଜିଲ୍ଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ନୀଳଗିରି ମହିଳା ମହାବିଦ୍ୟାଳୟରର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମିଶ୍ର, ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ମଂଚାସୀନ ରହି ଗଡ଼ଜାତ ମିଶ୍ରଣ ର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ଏକ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟିର ସମ୍ପାଦକ ସଦାଶିବ ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ନୀଳଗିରି ଗଡ଼ଜାତ ପ୍ରଜାମଣ୍ଡଳ ସ୍ମୃତି ସୁରକ୍ଷା ସମିତି ପକ୍ଷରୁ ନୀଳଗିରି ବ୍ରିଟ୍ କଲ୍ୟାଣମଣ୍ଡପ ପରିସରରେ ସମିତିର ସଭାପତି ତଥା ନୀଳଗିରିର ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ୭୬ତମ ଗଡ଼ଜାତ ମିଶ୍ରଣ ଉତ୍ସବ ପାଳନ କରାଯାଇଛି । ଉତ୍ସବରେ କଂଗ୍ରେସର ବ୍ଲକ ସଭାପତି ମନୋରଂଜନ ପଣ୍ଡା, ଦେବାନନ୍ଦ ଦାସ, ନିହାରରଂଜନ ପରିଡ଼ା, ସୁରେଶ କୁମାର ଦାଶ, ରଂଜିତ ଦାସ ପ୍ରମୁଖ ମଂଚାସୀନ ରହି ପ୍ରଜାମଣ୍ଡଳ ଆନ୍ଦୋଳନର ଓ ରାଜତନ୍ତ୍ର ବିରୋଧରେ ନୀଳଗିରି ମାଟିର କୃତି ସନ୍ତାନମାନଙ୍କର ଲଢ଼େଇର ବିଭିନ୍ନ ଐତିହାସିକ ତଥ୍ୟ ସମ୍ବଳିତ ଘଟଣାବଳିର ଆଲୋଚନା କରିବା ସଂଗେ ସଂଗେ ପୂର୍ବସୂତିମାନଙ୍କର ଗୁଣଗାନ କରିଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନୀଳଗିରି ଗଡ଼ଜାତକୁ ଭାରତର ପ୍ରଥମ ଗଡ଼ଜାତ ମିଶ୍ରଣର ମାନ୍ୟତା ପ୍ରଦାନ କରିବା ପାଇଁ ଦାବୀ କରିଥିଲେ ଏବଂ ଏହାକୁ ସରକାରୀସ୍ତରରେ ପାଳନ କରିବାକୁ ଦାବୀ କରିଥିଲେ । ସମିତିର ସମ୍ପାଦକ କିଶୋର କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ ପଠନ କରିଥିଲେ । ୭୬ତମ ଗଡ଼ଜାତ ମିଶ୍ରଣ ଦିବସ ପାଳନ ଅବସରରେ ନୀଳଗିରି ମହିଳା ମହାବିଦ୍ୟାଳୟ ତରଫରୁ ଏକ ଜନଜାଗରଣ ପଦଯାତ୍ରା ଆୟୋଜନ କରାଯାଇଥିଲା । କଲେଜର ଅଧ୍ୟକ୍ଷା ମଂଜୁଶ୍ରୀ ପଣ୍ଡା ଉକ୍ତ ସଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ପଦଯାତ୍ରାର ନେତୃତ୍ୱ ନେଇଥିଲେ । ଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ ।

ବସ୍ତାରେ ଜିଲ୍ଲାପାଳ ଏସପି ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶୁଣାଣି ଶିବିର

ବସ୍ତା, ୧୪/୧୧(ନିପ୍ର)) ବସ୍ତା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆଜି ଏସପି ଓ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଅଭିଯୋଗ ଶୁଣାଣି ରେ ମୋଟ ୧୮୪ ଅଭିଯୋଗ ପଞ୍ଜିକରଣ କରାଯାଇଥିଲା । ଏହି ଅଭିଯୋଗ ମଧ୍ୟରୁ ୧୦୨ ଅଭିଯୋଗ ର ଶୁଣାଣି ସଙ୍ଗେ ସଙ୍ଗେ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ସମାଧାନ ପାଇଁ ହସ୍ତାନ୍ତର କରାଯାଇଥିଲା । ତେବେ ଦିନ ଗୋଟାଏ ବେଳକୁ ନିଜର ଅଭିଯୋଗ ପଞ୍ଜିକରଣ ପାଇଁ ପଚାଶ ରୁ ଊର୍ଧଲୋକ ଠିଆହୋଇ ଥିବା ବେଳେ ଜିଲ୍ଲାପାଳପାଳ ଶିବିର ଛାଡି ଚାଲିଯାଇଥିଲେ । ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ପରେ ବ୍ଲକ୍ କାର୍ଯ୍ୟାଳୟ ରେ ଉକ୍ତ ଅଭିଯୋଗ ପଞ୍ଜିକରଣ କରାଯାଇ ବିଭିନ୍ନ ବିଭାଗକୁ ଶୁଣାଣି ପାଇଁ ପଠାଯାଇଥିଲା । ସାଧାରଣତଃ ଆଜିର ଏହି ଅଭିଯୋଗ ଶୁଣାଣୀ ଶିବିରରେ ବସ୍ତାର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଶମ୍ଭୁନାଥ ଉଚ୍ଚ ବିଦ୍ୟାଳୟରେ ଜଣେ ସେଚ୍ଛାସେବିଙ୍କ ପନ୍ଦର ଲକ୍ଷ ଟଙ୍କା ଦାନରେ ନିର୍ମାଣାଧୀନ ଘରକୁ ବନ୍ଦ କରିବା ଘଟଣାରେ ଜିଲ୍ଲାପାଳ ତୁରନ୍ତ ଏହି ଦିଗରେ ବିଚାରକରି ଉକ୍ତ ନିର୍ମାଣାଧୀନ ଗୃହକାର୍ଯ୍ୟ ସମାପନ ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ଚାରିଶହ ଭୂମିହୀନ ଙ୍କୁ ଜମି ପଟା ବଣ୍ଟନ ଦାବିରେ ଜିଲ୍ଲାପାଳ ଙ୍କୁ ଅଭିଯୋଗ ରେ ଆଗାମୀ ପନ୍ଦର ଦିନ ମଧ୍ୟରେ ସମସ୍ତ ତଦନ୍ତ ସାରି ପଟା ଯୋଗାଇଦେବାକୁ ବସ୍ତା ତହସିଲଦାର ଙ୍କୁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ୍ ସିନ୍ଧେ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଙ୍କ ସମେତ ଏପି ସୁଧାଂଶୁ ଶେଖର ମିଶ୍ର,ଏଡିଏମ୍ ନିଲୁ ମହାପାତ୍ର, ପିଡି ରବୀନ୍ଦ୍ର କୁମାର ସାହୁ,ସିଡିଏମଓ ଦୁଲାଲ ସେନ ଜଗତଦେଓ, ଉପଜିଲ୍ଲାପାଳ ଛଗନ୍ କୁନାଲ ମୋତିଲାଲ,ଅତିରିକ୍ତ ଜିଲ୍ଲାପାଳ ସିତାଙ୍ଗସୁ ଶେଖର ଦାସ,ଜିଲ୍ଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୁତାର,ଜିଲ୍ଲା ଜଳ ପରିମଳ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସମୀର ଦେ,ବସ୍ତା ବ୍ଲକ୍ ଅଧକ୍ଷା ଅଞ୍ଜଳି ଦାସ, ଉପାଧକ୍ଷ୍ୟ ଦିଲ୍ଲିପ ଦାସ ମହାପାତ୍ର, ଜ୍ଞାନରଞ୍ଜନ ସାହୁ,ତହସିଲଦାର କାର୍ତ୍ତିକ ଚନ୍ଦ୍ର ଦାଶ,ବିଦ୍ୟୁତ୍ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ,ବ୍ଲକ୍ ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ସମସ୍ତ ପଞ୍ଚାୟତ ର ନିର୍ବାଚିତ ପ୍ରତିନିଧି ସରପଞ୍ଚ , ସମିତି ସଭ୍ୟ ଉପସ୍ଥିତ ଥିଲେ ।

ଗଡପୋଖରୀରେ ରକ୍ତଦାନ ଶିବିର

ଖଇରା,୧୪/୧୧ (ନି.ପ୍ର): ପବିତ୍ର ଶିଶୁ ଦିବସ ତଥା ବିଜୁ ଜନତା ଦଳର ୨୫ବର୍ଷ ପୂର୍ତ୍ତୀ ଅବସରରେ ଓଡିଶା ମୋ ପରିବାର ପକ୍ଷରୁ ଗଡପୋଖରୀ ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିଲେ । ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ପ୍ରହଲ୍